# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି

ODIA

ECHO OF HIS CALL 1969-2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, 2020 MARCH | No. 4


### ପବିତ୍ର ବାଇବଲ

(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର ।

(ଗୀତସଂହିତା ୧୩୮:୧-୮)

୧. ମୁଁ ଆପଣାର ସର୍ବାନ୍ତଃକରଣରେ ତୁମ୍ଭର ଧନ୍ୟବାଦ କରିବି; ଦେବଗଣ ସାକ୍ଷାତରେ ମୁଁ ତୁମ୍ଭ ଉଦ୍ଦେଶ୍ୟରେ ପ୍ରଶଂସାଗାନ କରିବି ।

୨. ମୁଁ ତୁମ୍ଭ ପବିତ୍ର ମନ୍ଦିର ଅଭିମୁଖରେ ତୁମ୍ଭର ଭଜନା କରିବି, ପୁଣି ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ତୁମ୍ଭର ସତ୍ୟତା ସକାଶେ ତୁମ୍ଭ ନାମର ଧନ୍ୟବାଦ କରିବି । କାରଣ ତୁମ୍ଭେ ଆପଣାର ସକଳ ନାମ ଅପେକ୍ଷା ଆପଣାର ବାକ୍ୟ ମହତ କରିଅଛ ।

୩. ମୁଁ ପ୍ରାର୍ଥନା କରିବା ଦିନ ତୁମ୍ଭେ ମୋତେ ଉତ୍ତର ଦେଲ, ତୁମ୍ଭେ ମୋ' ପ୍ରାଣକୁ ବଳ ଦେଇ ସାହସିକ କଲ ।

୪. ହେ ସଦାପ୍ରଭୋ, ପୃଥିବୀସ୍ଥ ସମସ୍ତ ରାଜା ତୁମ୍ଭର ଧନ୍ୟବାଦ କରିବେ, କାରଣ ସେମାନେ ତୁମ୍ଭ ମୁଖର ବାକ୍ୟ ଶୁଣିଅଛନ୍ତି ।

୫. ହଁ, ସେମାନେ ସଦାପ୍ରଭୁଙ୍କ ପଥ ବିଷୟ ଗାନ କରିବେ; କାରଣ ସଦାପ୍ରଭୁଙ୍କ ଗୌରବ ମହତ୍ ।

୬. ଯେହେତୁ ସଦାପ୍ରଭୁ ଉଚ୍ଚ ହେଲେ ହେଁ ନୀଚ ଲୋକଙ୍କ ପ୍ରତି ଦୃଷ୍ଟି କରନ୍ତି; ମାତ୍ର ସେ ଗର୍ବୀକି ଦୂରରୁ ଚିହ୍ନନ୍ତି ।

୭. ମୁଁ ସଙ୍କଟ ମଧ୍ୟରେ ଗମନ କଲେ ହେଁ ତୁମ୍ଭେ ମୋତେ ସଜୀବ କରିବ, ତୁମ୍ଭେ ମୋ' ଶତ୍ରୁଗଣର କୋପ ପ୍ରତିକୂଳରେ ଆପଣା ହସ୍ତ ବିସ୍ତାର କରିବ ଓ ତୁମ୍ଭ ଦକ୍ଷିଣ ହସ୍ତ ମୋତେ ତ୍ରାଣ କରିବ ।

୮. ସଦାପ୍ରଭୁ ମୋ' ସମ୍ପର୍କୀୟ ବିଷୟ ସାଧନ କରିବେ; ହେ ସଦାପ୍ରଭୋ, ତୁମ୍ଭ ଦୟା ଅନନ୍ତକାଳସ୍ଥାୟୀ; ତୁମ୍ଭେ ଆପଣା ହସ୍ତକୃତ କର୍ମ ପରିତ୍ୟାଗ କର ନାହିଁ ।

# ପ୍ରଭୁଙ୍କ ଉପସ୍ଥିତିର ଶକ୍ତି

## The Power of the Lord's Presence

ଏହି ବାର୍ତ୍ତା ଈଶ୍ୱରଙ୍କ ଉପସ୍ଥିତିର ମହାଶକ୍ତି ସମ୍ବନ୍ଧୀୟ ଓ ଆମେ କିପରି ସେହି ଶକ୍ତି ଧାରଣ କରିପାରିବା, ସେହି ସମ୍ବନ୍ଧୀୟ ଅଟେ । ଈଶ୍ୱରଙ୍କ ଉପସ୍ଥିତି କିପରି ତାଙ୍କ ନିମନ୍ତେ ବଞ୍ଚିବା ପାଇଁ ତାଙ୍କ ସନ୍ତାନମାନଙ୍କୁ ଶକ୍ତିଯୁକ୍ତ କରେ, ସେହି ବିଷୟରେ ଧର୍ମଶାସ୍ତ୍ର ଶେଷହୀନ ଦୃଷ୍ଟାନ୍ତ ପ୍ରଦାନ କରିଛି । ପୁଣି ଏଗୁଡ଼ିକ ମଧ୍ୟରୁ ଗୋଟିଏ ଅତି ଶକ୍ତିଶାଳୀ ଦୃଷ୍ଟାନ୍ତ ମୋଶାଙ୍କ ଜୀବନରେ ମିଳେ ।

ମୋଶାଙ୍କର ଦୃଢ଼ ପ୍ରତ୍ୟୟ ଥିଲା ଯେ ତାଙ୍କ ଜୀବନରେ ଈଶ୍ୱରଙ୍କ ଉପସ୍ଥିତି ବିନା କୌଣସି ବିଷୟ ପାଇଁ ଚେଷ୍ଟା କରିବା ତାଙ୍କ ନିମନ୍ତେ ବ୍ୟର୍ଥ ଅଟେ । ଯେତେବେଳେ ସେ ପ୍ରଭୁଙ୍କ ସହିତ ମୁଖାମୁଖୀ ହୋଇ କଥାବାର୍ତ୍ତା କରିଥିଲେ, ସେତେବେଳେ ସେ କହିଥିଲେ, ''ଯେବେ ତୁମ୍ଭର ଶ୍ରୀମୁଖ ମୋ' ସହିତ ଗମନ ନ କରନ୍ତି, ତେବେ ଏ ସ୍ଥାନରୁ ଆମ୍ଭମାନଙ୍କୁ ନେଇ ଯାଅ ନାହିଁ'' (ଯାତ୍ରା ୩୩:୧୫) । ସେ କହୁଥିଲେ, ''ପ୍ରଭୁ, ଯଦି ଆପଣ ମୋ' ସହିତ ଉପସ୍ଥିତ ରହିବେ ନାହିଁ, ତେବେ ମୁଁ କୌଣସି ସ୍ଥାନକୁ ଯିବି ନାହିଁ । ଆପଣ ମୋ' ସହିତ ଅଛନ୍ତି ବୋଲି ମୋତେ ଭରସା ନ ଦେଲେ ମୁଁ ଗୋଟିଏ ସୁଦ୍ଧା ପଦକ୍ଷେପ ନେବି ନାହିଁ ।''

ମୋଶା ଜାଣିଥିଲେ ଯେ ଇସ୍ରାଏଲରେ ଈଶ୍ୱରଙ୍କ ଉପସ୍ଥିତି ହିଁ ଲୋକମାନଙ୍କୁ ଅନ୍ୟ ସମସ୍ତ ଜାତିରୁ ପୃଥକ୍ କରିଥିଲା । ପୁଣି ସେହି ସମାନ ବିଷୟ ଆଜି ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ମଧ୍ୟ ସତ୍ୟ ଅଟେ । ଅବିଶ୍ୱାସୀମାନଙ୍କଠାରୁ ଯେଉଁ ଏକମାତ୍ର ବିଷୟ ଆମକୁ ପୃଥକ୍ କରେ, ତା' ହେଉଛି, ଆମକୁ ଚାଳନା ଦେଉଥିବା, ଆମକୁ ପଥ ଦେଖାଉଥିବା ଓ ଆମଠାରେ ଓ ଆମ ମାଧ୍ୟମରେ ତାଙ୍କର ଇଚ୍ଛା ସାଧନ କରୁଥିବା ''ଆମ ସହିତ ଈଶ୍ୱରଙ୍କ ଉପସ୍ଥିତି ।''

ଅନ୍ୟ ଜାତିଗୁଡ଼ିକ ସେମାନଙ୍କ ଚାଳନା କିପରି ପାଉଥିଲେ, କିପରି ସେମାନଙ୍କର କୌଶଳ ପ୍ରସ୍ତୁତ କରୁଥିଲେ, କିପରି ସେମାନଙ୍କ ସରକାର ଚଳାଉଥିଲେ କିମ୍ବା ସେମାନଙ୍କ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଉଥିଲେ, ତାହା ଜାଣିବା ପାଇଁ ମୋଶା ଆଗ୍ରହୀ ନ ଥିଲେ । ସେ କହିଥିଲେ, ''ଆମେ କେବଳ ଗୋଟିଏ ନିୟମ ଉପରେ କାର୍ଯ୍ୟ କରୁ । ଆମ ନିମନ୍ତେ ପରିଚାଳିତ କିମ୍ବା ଶାସିତ ହେବା ପାଇଁ, ଯୁଦ୍ଧ କରିବା ପାଇଁ ଓ ଏହି ପତିତ ଭୂମିରେ ବଞ୍ଚି ରହିବା ପାଇଁ ଏକମାତ୍ର ଉପାୟ ହେଉଛି ଆମ ସହିତ ଈଶ୍ୱରଙ୍କ ଉପସ୍ଥିତିକୁ ରଖିବା ।

''ଯେତେବେଳେ ଈଶ୍ୱରଙ୍କ ଉପସ୍ଥିତି ଆମ ମଧ୍ୟରେ ଥାଏ, ସେତେବେଳେ କେହି ଆମର କ୍ଷତି କରିପାରନ୍ତି ନାହିଁ । ମାତ୍ର ତାଙ୍କ ବିନା, ଆମେ ଅସହାୟ ଅଟୁ, କିଛି ନୋହୁଁ । ଏହି ଜଗତର ସମସ୍ତ ଜାତି ସେମାନଙ୍କର ଶକ୍ତିଶାଳୀ ସୈନ୍ୟବାହିନୀ, ସେମାନଙ୍କର ଲୌହରଥ, ସେମାନଙ୍କର ଦକ୍ଷ ସୈନିକ, ସେମାନଙ୍କର ନୂତନ ଅସ୍ତ୍ରଶସ୍ତ୍ର ଉପରେ ନିର୍ଭର କରନ୍ତୁ, ମାତ୍ର ଆମେ ଆମ ଈଶ୍ୱରଙ୍କର ଉପସ୍ଥିତିର ପରିପ୍ରକାଶରେ ବିଶ୍ୱାସ କରିବା ।''

ଏଠାରେ ଈଶ୍ୱର ଏହିପରି ଭାବେ ମୋଶାଙ୍କ ସାହସିକ ବାକ୍ୟର ଉତ୍ତର ଦେଇଥିଲେ, ''ଆମ୍ଭର ଶ୍ରୀମୁଖ ତୁମ୍ଭ ସହିତ ଗମନ କରିବେ, ପୁଣି ଆମ୍ଭେ

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

★ ୨୦୧୯ – ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ★

Touching Lives by Teaching.....Since 1969.

# ଆହ୍ୱାନର ପ୍ରତିଧ୍ୱନି

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS




**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.
**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

## "... ମଙ୍ଗଳ ତୁମ୍ଭ ନିକଟରେ ଉପସ୍ଥିତ ହେବ" (ଆୟୁବ ୨୨:୨୧) ।



***ଯୀଶୁ ଖ୍ରୀଷ୍ଟଙ୍କଠାରେ ପ୍ରିୟ ବନ୍ଧୁଗଣ,***

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଆଶ୍ଚର୍ଯ୍ୟଜନକ ନାମରେ ଆପଣମାନଙ୍କୁ ଅଭିବାଦନ । ଆମେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଥିବାରୁ, ଆପଣମାନେ ଜୀବନର ସମସ୍ତ କ୍ଷେତ୍ରରେ ଈଶ୍ୱରଙ୍କ ଶକ୍ତିର ଆଚ୍ଛାଦନକୁ ଉପଭୋଗ କରୁଛନ୍ତି ବୋଲି ଆମେ ଆଶା କରୁଛୁ ।

ଆଜିକାଲି, ଆମେ ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଲୋକମାନଙ୍କ ଉପରେ ପବିତ୍ର ଆତ୍ମାଙ୍କ ବୃଷ୍ଟି ହେଉଅଛି ବୋଲି ଶୁଣୁଅଛୁ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁ ନ ଥିବା ଆମର ଅନେକ ବନ୍ଧୁ ଓ ଉଚ୍ଚପଦାଧିକାରୀ ବ୍ୟକ୍ତି ତାଙ୍କର ତ୍ରାଣକାରୀ ଜ୍ଞାନ ନିକଟକୁ ଆସି ତାଙ୍କୁ ସେମାନଙ୍କର ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ପ୍ରକାଶ୍ୟରେ ଘୋଷଣା କରୁଛନ୍ତି ବୋଲି ଆମେ ଶୁଣୁଅଛୁ । ଏମାନଙ୍କ ମଧ୍ୟରେ ସିନେମା ଓ ରାଜନୀତି ଜଗତର ଲୋକମାନେ ଅଛନ୍ତି । ସେଥିପାଇଁ ଈଶ୍ୱରଙ୍କର ଯେଉଁ ଲୋକମାନେ ସାଂପ୍ରଦାୟିକ ଭେଦଭାବ ଭୁଲି ପ୍ରାର୍ଥନା ଓ ପ୍ରଚାର କରୁଛନ୍ତି, ସେମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିଭିନ୍ନ ଦେଶର ଲୋକଙ୍କ ନିକଟରେ ପହଞ୍ଚି ଥିବାରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଧନ୍ୟବାଦ ଦେବା ଉଚିତ୍ ।

ଆମେ ଆତ୍ମିକ ଜଗତରେ ଘଟୁଥିବା ବାସ୍ତବ ଘଟଣାଗୁଡ଼ିକୁ ପ୍ରକାଶ କରିବା ପାଇଁ ସାହସିକ ହେବା ନିମନ୍ତେ ଗଣମାଧ୍ୟମର ଲୋକମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରିବା ଉଚିତ୍ । ଲୋକମାନଙ୍କ ମଧ୍ୟରେ ପ୍ରଭୁଙ୍କର ଅଧିକାଂଶ କାର୍ଯ୍ୟକୁ ସାଧାରଣ ଲୋକଙ୍କ ନଜରକୁ ଅଣାଯାଉ ନାହିଁ । ଆସନ୍ତୁ, ଏହି ମାସରେ, ଆମେ ସମ୍ବାଦପତ୍ର, ଦୂରଦର୍ଶନ, ଇଣ୍ଟରନେଟ୍, ହ୍ୱାଟସ୍-ଆପ୍ ଇତ୍ୟାଦି ଭଳି ଗଣ ପ୍ରତିନିଧିଗୁଡ଼ିକ ନିମନ୍ତେ ବିଶେଷ ପ୍ରାର୍ଥନା କରିବା ଯେପରିକି ସେମାନେ ଆଧାତ୍ମିକ ଜଗତରେ ଘଟୁଥିବା ଆଶ୍ଚର୍ଯ୍ୟକର୍ମ ଓ ବାସ୍ତବ ଘଟଣାଗୁଡ଼ିକ ପ୍ରକାଶ କରିବା ପାଇଁ ଆଗକୁ ଆସିବେ । ପ୍ରତିଦିନ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତି ମାଧ୍ୟମରେ, ଲୋକମାନଙ୍କ ଜୀବନରେ ଅନେକ ଆଶ୍ଚର୍ଯ୍ୟ ଘଟଣା ଘଟୁଅଛି । ପ୍ରାର୍ଥନା ଯୋଦ୍ଧାମାନଙ୍କର ପ୍ରାର୍ଥନା ଶୁଣୁଥିବାରୁ ଓ କଷ୍ଟକର ସ୍ଥାନ ଗୁଡ଼ିକରେ ସୁସମାଚାରର ବାର୍ତ୍ତା ଜଣାଇବା ପାଇଁ ଈଶ୍ୱରଙ୍କ ଲୋକମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଉଥିବାରୁ ଆମେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ଅତି କୃତଜ୍ଞ ଅଟୁ ।

ଆମ ସେବାକାର୍ଯ୍ୟ କ୍ଷେତ୍ରରେ ମଧ୍ୟ, ଆମେ ଆମ କାର୍ଯ୍ୟକାରୀମାନଙ୍କ ନିକଟରେ ଥିବା ଲୋକମାନଙ୍କ ମଧ୍ୟରେ ଏକ ବିଶାଳ ଆତ୍ମିକ ଉନ୍ନତି ବିଷୟରେ ଶୁଣୁଅଛୁ ।

ଏହି ବର୍ଷ ଜାନୁଆରୀ ୯ ତାରିଖ ଅପରାହ୍ନ ୧୨.୩୦ରେ, ଭାରତର ଦକ୍ଷିଣ ପ୍ରାନ୍ତରେ ଥିବା ଥିରୁନେଲ୍‌ଭେଲୀ ନାମକ ସ୍ଥାନରୁ ଆମର ମିଶନେରୀ ଯାତ୍ରା ଶେଷ କରି ଫେରିବା ପଥରେ ଏକ ସଂକ୍ଷିପ୍ତ ବିରତି ପାଇଁ ରାସ୍ତା ପାର୍ଶ୍ୱସ୍ଥ ଏକ ଭୋଜନାଳୟକୁ ଯାଇଥିଲୁ । ଅନପେକ୍ଷିତ ଭାବରେ, ଆମ ସମ୍ମୁଖରେ ଗୋଟିଏ ଦମ୍ପତି ବସିଥିଲେ । ଆମେ ଯାତ୍ରା ଯୋଗୁ ଅତି କ୍ଲାନ୍ତ ହୋଇ ଯାଇଥିବାରୁ ଆମର କଫି ଉପରେ ମନୋନିବେଶ କରି ଏହାକୁ ଉପଭୋଗ କରୁଥିଲୁ । ପରିବାରର ମୁଖ୍ୟ ଆମ ପ୍ରତି ଗମ୍ଭୀର ଭାବରେ ଦୃଷ୍ଟିପାତ କରୁଥିଲେ, ହଠାତ୍ ସେ ଆମକୁ ଆଲିଙ୍ଗନ କରି ନିମ୍ନଲିଖିତ କଥା କହିଥିଲେ :



*ପ୍ରିୟ ଭାଇ ସାମ୍, ମୋତେ ଆପଣ ଚିହ୍ନି ପାରୁଛନ୍ତି କି ? ମୁଁ ରେଭ୍. ରାମଦାସ, ଯିଏ ଚେନ୍ନାଇରେ ୧୯୯୨-୯୪ରେ ଆପଣଙ୍କର ନିହିମିୟା ବାଇବଲ କଲେଜର ଜଣେ ଛାତ୍ର ଥିଲା । ଆପଣ କଲେଜର ପରିଚାଳନା କରୁଥିଲେ ଓ ଖ୍ରୀଷ୍ଟଙ୍କ ପ୍ରତି ଉଦ୍‌ଯୋଗ ସହିତ ଛାତ୍ରମାନଙ୍କୁ ଶିକ୍ଷା ଦେଉଥିଲେ । ସେତେବେଳେ ମୁଁ "ଧିନା ଥାନ୍ଥି" (Dhina Thanthi) ନାମକୁ ଗୋଟିଏ ପ୍ରସିଦ୍ଧ ସମ୍ବାଦ ପତ୍ରରେ କାର୍ଯ୍ୟ କରୁଥିଲି । ଦିନେ ଯେତେବେଳେ ଆପଣ ପ୍ରଭୁ ଯୀଶୁଙ୍କ କାର୍ଯ୍ୟର ସାର୍ବଭୌମତ୍ୱକୁ ବୁଝାଉଥିଲେ, ସେତେବେଳେ ଆପଣ କିପରି ଗୋଟିଏ ସରକାରୀ ଚାକିରୀ କରୁଥିଲେ ଓ ପ୍ରଭୁଙ୍କ ପାଇଁ ସଂପୂର୍ଣ୍ଣ ସମୟ ସେବାକାର୍ଯ୍ୟ ନିମନ୍ତେ ତାଙ୍କଠାରୁ ଆହ୍ୱାନ ପାଇଥିଲେ ଓ ପ୍ରଭୁ ଯୀଶୁ କିପରି ଆପଣଙ୍କୁ ସଫଳ ଭାବରେ ତାଙ୍କ ସେବାକାର୍ଯ୍ୟରେ ବ୍ୟବହାର କରୁଛନ୍ତି, ସେ ବିଷୟରେ ମଧ୍ୟ କହିଥିଲେ । ପ୍ରଭୁ ମୋ' ହୃଦୟକୁ ସ୍ପର୍ଶ କରିଥିଲେ ଓ ମୁଁ ମଧ୍ୟ ତାଙ୍କ ପାଇଁ ସଂପୂର୍ଣ୍ଣ ସମୟ*

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · Village English High School · Crusades · 100 Prayer Warriors · Community Development

ସେବାକାର୍ଯ୍ୟ ଆରମ୍ଭ କରିବାକୁ ଇଚ୍ଛା କରିଥିଲି । ସେହି ଅନୁସାରେ, ମୁଁ ମୋର ପଢ଼ା ଶେଷ କଲି ଓ ଡିଗ୍ରୀ ପାଇବା ପରେ ଜାଗତିକ ସମ୍ବାଦପତ୍ର କମ୍ପାନୀର କାର୍ଯ୍ୟଛାଡ଼ି ସାହସର ସହିତ ପ୍ରଭୁଯୀଶୁଙ୍କ ସେବାକାର୍ଯ୍ୟ ମଧରେ ପ୍ରବେଶ କଲି । ବର୍ତ୍ତମାନ ପ୍ରଭୁ ମୋତେ ଆଶୀର୍ବାଦ କରିଛନ୍ତି ଓ ଗୋଟିଏ ବରିଷ୍ଠ ପାଳକ ଭାବରେ ମୋତେ ଉଠାଇଛନ୍ତି । ସେ ମୋତେ ମଣ୍ଡଳୀ ଗୃହ, ବାସଗୃହ, ଯାନବାହନ ଇତ୍ୟାଦି, ଭଳି ସମସ୍ତ ବିଷୟ ଯୋଗାଇଛନ୍ତି ଓ ମୋର ସମସ୍ତ ଆବଶ୍ୟକତା ପୂରଣ କରୁଛନ୍ତି । ମୁଁ ମୋର ସ୍ତ୍ରୀ ଓ କନ୍ୟା ସହିତ ସଂପୂର୍ଣ୍ଣ ସମୟ ପ୍ରଭୁଙ୍କର ସେବା କରୁଅଛି । ନିହିମିୟା ବାଇବଲ କଲେଜର ସେବାକାର୍ଯ୍ୟ ପାଇଁ ପ୍ରଭୁଙ୍କୁ ଧନ୍ୟବାଦ !!

ଦ୍ୱିତୀୟରେ, ଆମର ବାଇବଲ କୋର ନାମକ ବେସିକ୍ ବାଇବଲ କରେସପଣ୍ଡେସ ପାଠ୍ୟକ୍ରମ ବିଷୟରେ ଜାଣିଛନ୍ତି । ଆମେ ୧୯୮୦ରୁ ତିନୋଟି ଭାଷା, ଯଥା ଇଂରାଜୀ, ତାମିଲ ଓ ହିନ୍ଦୀରେ ''ଆପଣଙ୍କ ପାଇଁ ନୂତନ ଜୀବନ'' ନାମକ ଏକ ସୁନ୍ଦର ପାଠ୍ୟପୁସ୍ତକ ବ୍ୟବହାର କରୁଅଛୁ । ଭାରତ ଓ ପଡ଼ୋଶୀ ଦେଶର ହଜାର ହଜାର ଲୋକ ଏହି ପାଠ୍ୟକ୍ରମ ଦ୍ୱାରା ଆଶୀର୍ବାଦ ପାଇଛନ୍ତି । ଆମେ ସଫଳ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ପ୍ରମାଣ ପତ୍ର ଦେଇଥାଉ । ସାଂପ୍ରଦାୟିକ ମନୋଭାବ ଓ ବୟସକୁ ବିଚାର ନ କରି ହଜାର ହଜାର ପ୍ରାର୍ଥୀ ଏହି ପାଠ୍ୟକ୍ରମରେ ଭାଗ ନେଉଛନ୍ତି । ଆମେ ଆନ୍ଧ୍ର ପ୍ରଦେଶର ଅନ୍ନପୂର୍ଣ୍ଣା ନାମ୍ନୀ ଜଣେ ଭଉଣୀଙ୍କ ପତ୍ରକୁ ନିମ୍ନରେ ପ୍ରକାଶ କରୁଅଛୁ ।

**ଖ୍ରୀଷ୍ଟରେ ପ୍ରିୟ ଭାଇ,**

ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ନମସ୍କାର । ମୁଁ ଏମ୍.ଅନ୍ନପୂର୍ଣ୍ଣ ଅଟେ । ମୁଁ ''ବାଇବଲ କୋର୍'' ଓ ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପୁସ୍ତକ ପାଇଛି । ଏହି ବାଇବଲ ପାଠ୍ୟକ୍ରମ ପାଇଥିବାରୁ ମୁଁ ଖୁସି ଅଟେ । ଏହା ଅତି ଉପଯୋଗୀ ଓ ଏହି ପୁସ୍ତକରେ ଥିବା ଶବ୍ଦ ଓ ବାକ୍ୟଗୁଡ଼ିକ ବୁଝିବା ପାଇଁ ଓ ବାଇବଲର ବାକ୍ୟ ଶିଖିବା ପାଇଁ ସହଜ ଓ ସରଳ ଅଟେ ।



ଏହି ପାଠ୍ୟକ୍ରମ ପଢୁଥିବା ସମୟରେ ମୁଁ ଅତି ଖୁସି ଅଟେ । ଜଣେ ପ୍ରକୃତ ଖ୍ରୀଷ୍ଟିଆନ କିପରି ବ୍ୟବହାର ଦେଖାଇବା ଉଚିତ ତାହା ମୁଁ ବୁଝିଛି । ମୁଁ ପ୍ରତିଦିନ ସତ୍ୟଗୁଡ଼ିକୁ ପାଳନ କରିବା ପାଇଁ ସେଗୁଡ଼ିକୁ ମୋ' ମନ ମଧ୍ୟରେ ରଖୁଛି । ମୁଁ ଅତି ଆନନ୍ଦର ସହିତ ଏହି ପାଠ୍ୟକ୍ରମକୁ ସଂପୂର୍ଣ୍ଣ କରିଅଛି । ମୁଁ ଏହି ପତ୍ର ସହିତ ଉତ୍ତର ଖାତା ପ୍ରେରଣ କରୁଛି । ଏହି ବାଇବଲ ପାଠ୍ୟକ୍ରମ ଯୋଗୁ ମୁଁ ବହୁ ଆଶୀର୍ବାଦ ପାଇଛି । ଏହି ପାଠ୍ୟକ୍ରମ ପ୍ରେରଣ କରିଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ ।

ମୁଁ ଆପଣଙ୍କ ପତ୍ର ସହିତ ଗୋଟିଏ ''ପ୍ରତିଜ୍ଞା କାର୍ଡ'' ଓ ''ବାଇବଲ ପଠନ ଯୋଜନା (୨୦୨୦)'' ପାଇଅଛି । ସେଗୁଡ଼ିକୁ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ । ସେଗୁଡ଼ିକ ପାଇଁ ଆପଣମାନଙ୍କୁ ଧନ୍ୟବାଦ ।

ମୁଁ ଏହି ନୂତନ ବର୍ଷଠାରୁ ଆପଣଙ୍କୁ ପ୍ରତିମାସରେ ୨୦୦ ଟଙ୍କା ମନିଅର୍ଡର ଯୋଗେ ପ୍ରେରଣ କରିବାକୁ ଇଚ୍ଛା କରୁଅଛି । ଦୟାକରି ଏହାକୁ ଆପଣଙ୍କ ମଣ୍ଡଳୀ କାର୍ଯ୍ୟ ପାଇଁ ବ୍ୟବହାର କରନ୍ତୁ । ଦୟାକରି ଏହାକୁ ଗ୍ରହଣ କରନ୍ତୁ ।

ମୋ' ପାଇଁ ଓ ମୋ' ପରିବାର ପାଇଁ ଆପଣଙ୍କର ବଡ଼ଦିନ ନୂତନ ବର୍ଷର ଶୁଭେଚ୍ଛା ନିମନ୍ତେ ଧନ୍ୟବାଦ । ଆପଣଙ୍କର ପ୍ରାର୍ଥନା ନିମନ୍ତେ ମଧ ଧନ୍ୟବାଦ । ମୁଁ ଆପଣଙ୍କୁ ଓ ଆପଣଙ୍କ ପରିବାରକୁ ବଡ଼ଦିନ ଓ ନୂଆବର୍ଷର ଶୁଭେଚ୍ଛା ଜଣାଉଅଛି । ଈଶ୍ୱର ସମସ୍ତ ବିଷୟରେ ଆପଣଙ୍କୁ, ଆପଣଙ୍କ ପରିବାରକୁ ଓ ଆପଣଙ୍କ ସେବାକାର୍ଯ୍ୟକୁ ବହୁଳଭାବରେ ଆଶୀର୍ବାଦ କରନ୍ତୁ ।

ପୁଣି ଥରେ ବଡ଼ଦିନ ଓ ନୂଆବର୍ଷର ଶୁଭେଚ୍ଛା ଦୟାକରି ଗୋଟିଏ ଉତ୍ତମ ଜୀବନସାଥୀ ସହିତ ମୋର ବିବାହ ନିମନ୍ତେ ପ୍ରାର୍ଥନା କରନ୍ତୁ । ଆମେ ମଧ ଆପଣଙ୍କ ପାଇଁ ଓ ଆପଣଙ୍କ ସେବା କାର୍ଯ୍ୟ ପାଇଁ ପ୍ରାର୍ଥନା କରୁଅଛୁ ।

**ପ୍ରେମ ଓ ଧନ୍ୟବାଦର ସହିତ**

**ଏମ୍ ଅନ୍ନପୂର୍ଣ୍ଣା**

ତୃତୀୟରେ, ଆମେ ଦକ୍ଷିଣ ଭାରତର କେରଳ ରାଜ୍ୟର ମୋହନ ଦାସ ବସେଲ୍ ନାମକ ଜଣେ ବୃଦ୍ଧ ବିଦ୍ୱାନଙ୍କୁ ପରିଚିତ କରାଉଅଛୁ ଯିଏ ନିହିମିୟା ବାଇବଲ କଲେଜର ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ଜଣେ ଛାତ୍ର ଥିଲେ । ଆମେ ତାଙ୍କଠାରୁ ଏଇ ନିକଟରେ ପାଇଥିବା ଗୋଟିଏ ପତ୍ରକୁ ପ୍ରକାଶ କରୁଅଛୁ ।

ମୁଁ ଚେନ୍ନାଇର ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟ ଅଧୀନରେ ଥିବା ''ନିହିମିୟା ବାଇବଲ କଲେଜ''ର ଥିଓଲୋଜିକାଲ ବାଇବଲ କରେସ୍ପଣ୍ଡେସ୍ ପାଠ୍ୟକ୍ରମରେ ଯୋଗ ଦେଇଥିଲି । ବାସ୍ତବରେ, ଏହା ମୋ' ହୃଦୟରେ ଅଗ୍ନିକଣିକା ସଦୃଶ ଥିଲା । ଏହି ପାଠ୍ୟକ୍ରମ ମାଧ୍ୟମରେ, ମୁଁ ଅଧିକରୁ ଅଧିକ ବାଇବଲ ଅଧ୍ୟୟନ କରିବାକୁ ଇଚ୍ଛା କରିଥିଲି ।



ସେଥିପାଇଁ ମୁଁ ୭ଟି ଯାକ ପୁସ୍ତକକୁ ଗୋଟିଏ ପରେ ଗୋଟିଏ ସଂପୂର୍ଣ୍ଣ କରିବା ଆରମ୍ଭ କରିଥିଲି । ନିଶ୍ଚୟ ଏକ ନୂତନ ଜୀବନରେ ଜ୍ଞାନ ନ ଥିଲା ବୋଲି ମୁଁ ଉପଲବଧି କରିଥିଲେ । ୬ଟି ପାଠ୍ୟ ପୁସ୍ତକ ମାଧ୍ୟମରେ, ମୁଁ ଅତ୍ୟଧିକ ନୂତନ ପରିପ୍ରକାଶ ଓ ବାଇବଲ ଜ୍ଞାନ ଲାଭ କରିଥିଲି । ଏହା ମୋତେ ସଠିକ୍ ମାର୍ଗ ଶିକ୍ଷା ଦେଇଥିଲା ଓ ଏକ ନୂତନ ଜୀବନ ଦେଇଥିଲା । ବିଶେଷ ଭାବରେ, ଏହି ପାଠ୍ୟକ୍ରମ ମୋର ପୂର୍ବ ସ୍ଥିତି ଅପେକ୍ଷା ଧର୍ମତତ୍ତ୍ୱ ଉପରେ ଗୋଟିଏ ଉତ୍ତମ ଚାଳନା ଦେଇଥିଲା ।

ମଣ୍ଡଳୀ ବିଷୟରେ ଶେଷ ୭ମ ପୁସ୍ତକ ମୋତେ ଅର୍ଥ ପ୍ରକାଶରେ ଓ ପ୍ରଚାରରେ ଅଧିକ ଜ୍ଞାନ ପ୍ରଦାନ କରିଥିଲା । ସେଥିପାଇଁ ମୁଁ ମୋର ପ୍ରଭୁଙ୍କର ଉଚ୍ଚ ପ୍ରଶଂସା କରୁଅଛି ଓ ନିହିମିୟା ବାଇବଲ କଲେଜ ଓ 'ଆହ୍ୱାନର ପ୍ରତିଧ୍ୱନି'ର ଥିଓଲୋଜିକାଲ ପାଠ୍ୟକ୍ରମ ପାଇଁ ତାଙ୍କୁ ଧନ୍ୟବାଦ ଦେଉଅଛି । ଏହି ପାଠ୍ୟକ୍ରମ ମୋତେ ସଠିକ୍ ମାର୍ଗରେ ଈଶ୍ୱରଙ୍କ ବାକ୍ୟ ପ୍ରଦାନ କରିଥିଲା ଓ ମୋ' ଜୀବନରେ ସଠିକ୍ ପଥ ଦେଖାଇଥିଲା ।

ବିଶେଷ ଭାବରେ, ଏହି ସେବାକାର୍ଯ୍ୟର ନିର୍ଦ୍ଦେଶକ, ପାଳକ ଏସ୍.ସାମ୍.ସେଲ୍ଭାରାଜ୍ ମୋତେ ଅନେକ ସାହାଯ୍ୟ ଓ ଉତ୍ସାହ ଦେଇଥିଲେ ଓ ମୁଁ ଡିସେମ୍ବର ୨୦୧୯ରେ ତାଙ୍କ ଜୀବନ ଶୈଳୀ ମାଧ୍ୟମରେ ଗୋଟିଏ ମଣ୍ଡଳୀର ପ୍ରକୃତ ନେତା କିଏ, ତାହା ମୋତେ ଦେଖାଇଥିଲେ । ଏହି ସମୟରେ, ମୋର ସ୍ୱପ୍ନ ସତ୍ୟ ହୋଇଥିଲା ଓ ମୋର ପ୍ରାଣ ଆନନ୍ଦିତ ହୋଇ ମେଷଶାବକଙ୍କ ପ୍ରତି ହାଲେଲୁୟା ଉଚ୍ଚାରଣ କରିଥିଲା । ପାଳକ ସାମ୍ ସମସ୍ତ ପ୍ରକାର ଉପାସନା ଓ ନେତୃତ୍ୱରେ ଯୋଗ ଦେବା ପାଇଁ ଅନୁମତି ଦେଇଥିଲେ ଓ ତାଙ୍କ ପ୍ରେମ ଓ ବିବେଚନା ଦ୍ୱାରା ମୋତେ ଉତ୍ସାହିତ କରିଥିଲେ । ସେ ଈଶ୍ୱରଙ୍କ ରାଜ୍ୟର ସଂପ୍ରସାରଣରେ ଉତ୍ତମ କାର୍ଯ୍ୟ କରୁଛନ୍ତି । ମୁଁ କିପରି ପ୍ରଭୁଙ୍କ ପାଇଁ ତାଙ୍କର ଆଶ୍ଚର୍ଯ୍ୟଜନକ ସମର୍ପଣ ଓ ବିଶ୍ୱସ୍ତ ସେବାକୁ ପ୍ରକାଶ କରିପାରିବି ? ତାଙ୍କ ନିକଟକୁ ମୋର ଆଗମନ ମୋତେ ଅଧିକରୁ ଅଧିକ ଶକ୍ତି ଓ ଜ୍ଞାନ ପ୍ରଦାନ କରିଥିଲା । ଏହି 'ଆହ୍ୱାନର ପ୍ରତିଧ୍ୱନି' ଓ ପାଳକ ଏସ୍.ସାମ୍.ସେଲ୍ଭାରାଜ ତାଙ୍କ ରାଜ୍ୟ ସଂପ୍ରସାରଣରେ ସର୍ବୋତ୍ତମ ଦୃଷ୍ଟାନ୍ତ ଅଟନ୍ତି ।

ମୁଁ ପାଳକ ସେଲ୍ଭାରାଜଙ୍କୁ ଓ ତାଙ୍କର ସହକର୍ମୀମାନଙ୍କୁ ଶୁଭେଚ୍ଛା ଜଣାଉଅଛି ଓ ସେମାନଙ୍କ ଉପରେ ତଥା ଉଚ୍ଚ ବିଦ୍ୟାଳୟ, ବାଇବଲ କଲେଜ ଭଳି ସେମାନଙ୍କର ଅନୁଷ୍ଠାନ ଉପରେ ସମସ୍ତ ପ୍ରକାର ଆଶୀର୍ବାଦ ପାଇଁ ପ୍ରାର୍ଥନା କରୁଅଛି ।

**ଅନେକ ପ୍ରେମ ଓ ପ୍ରାର୍ଥନା ସହିତ**

**ମୋହନ୍ ଦାସ ବାସେଲ୍. ପି**

*ସଦାପ୍ରଭୁ ପରମେଶ୍ୱର ପାଣ୍ଡା ପାଇ ନାମକ ଏକ ସ୍ଥାନକୁ ଯାଇ ସେଠାରେ ୨୦୨୦ ଜାନୁୟାରୀ ୨୫ରେ ପତ୍ରକୁଟୀର ପର୍ବ ପାଳନ କରିବା ପାଇଁ ଆମର ମୁଖ୍ୟ ଉପାସନାଳୟର ସଦସ୍ୟମାନଙ୍କୁ ସାହାଯ୍ୟ କରିଥିଲେ ।*

*ଏହି ଦୀର୍ଘ ସଂପାଦକୀୟଟିକୁ ପାଠ କରିଥିବାରୁ ଆପଣମାନଙ୍କୁ ଧନ୍ୟବାଦ । ଈଶ୍ୱର ଆମକୁ ଆଶୀର୍ବାଦ କରୁଛନ୍ତି ଓ ଅକଥନୀୟ ମାର୍ଗରେ ଆମକୁ ବ୍ୟବହାର କରୁଛନ୍ତି । ଦୟାକରି ଆମର ଏହି ୫୧ ବର୍ଷର ସେବାକାର୍ଯ୍ୟରେ ଆମ ସହିତ କାର୍ଯ୍ୟ କରୁଥିବା ଆମର ସମସ୍ତ ସହଯୋଗୀ ସଂପାଦକ, ପ୍ରାର୍ଥନା ସାଥୀ, ଆଜୀବନ ସଭ୍ୟ, ବିଶ୍ୱାସ ସାଥୀ, ଅର୍ଥ ସହାୟତା ପ୍ରଦାନକାରୀ, ମହା ଆଦେଶ ସାଥୀ, ପାଳକ, ମିଶନେରୀ, ବିଦ୍ୟାଳୟର କର୍ମଚାରୀ, ବାଇବଲ କଲେଜର କର୍ମଚାରୀ, କାର୍ଯ୍ୟାଳୟ ଓ ଛାପାକଳର କର୍ମଚାରୀ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।*

*ଆମେ ୨୦୨୦ ମଇ ୧ ତାରିଖକୁ ସମଗ୍ର ପୃଥିବୀରେ ଥିବା ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ’’ ଓ ସେମାନଙ୍କର ସହଯୋଗୀମାନଙ୍କ ପାଇଁ ଏକ ପ୍ରାର୍ଥନାର ଦିବସ ଭାବରେ ପୃଥକ୍ କରିଅଛୁ । ସେହିଦିନ ସକାଳ ୧୦ ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆମେ ଚେନ୍ନାଇର ମୁଖ୍ୟ ଉପାସନାଳୟରେ ଏକ ବିଶେଷ ସଭାର ଆୟୋଜନ କରିବୁ ଓ ସେହିଦିନ ଆହ୍ୱାନର ପ୍ରତିଧ୍ୱନି ଓ ଅନ୍ୟ ସେବାକାର୍ଯ୍ୟ ପାଇଁ ଏକ ପ୍ରାର୍ଥନା ଦିବସ ଭାବରେ ପାଳନ କରିବା ନିମନ୍ତେ ଆମେ ଆମର ସମସ୍ତ ସହଯୋଗୀ ଓ ବନ୍ଧୁମାନଙ୍କୁ ଅନୁରୋଧ କରୁଅଛୁ । ଆମେ ସେହି ବନ୍ଧୁ, ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ନିକଟକୁ ଆମର ପ୍ରାର୍ଥନାର ବିଷୟ ଗୁଡ଼ିକୁ ପ୍ରେରଣ କରିବୁ ।*

ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକ,**
**ଏସ୍.ସାମ୍.ସେଲ୍ଭାରାଜ**

---

ତୁମ୍ଭକୁ ବିଶ୍ରାମ ଦେବା’’ (ଯାତ୍ରା ୩୩:୧୪) । କିପରି ଏକ ଅବିଶ୍ୱସନୀୟ ପ୍ରତିଜ୍ଞା ! ଏଠାରେ ‘‘ବିଶ୍ରାମ’’ ପାଇଁ ବ୍ୟବହୃତ ହୋଇଥିବା ହିବ୍ରୁ ଶବ୍ଦର ଅର୍ଥ ହେଉଛି, ‘‘ଏକ ସ୍ୱାଚ୍ଛନ୍ଦ୍ୟକର, ଶାନ୍ତିପୂର୍ଣ୍ଣ ବିଶ୍ରାମ ।’’ ଈଶ୍ୱର କହୁଥିଲେ, ‘‘ତୁମ୍ଭେ ଯେ କୌଣସି ଶତ୍ରୁ କିମ୍ବା ପରୀକ୍ଷାର ସମ୍ମୁଖୀନ ହେଲେ ମଧ୍ୟ, ତୁମ୍ଭେ ସର୍ବଦା ଆମ୍ଭଠାରେ ଏକ ଶାନ୍ତିପୂର୍ଣ୍ଣ ବିଶ୍ରାମ ପାଇପାରିବ ।’’

ଏ ବିଷୟରେ ଚିନ୍ତା କରନ୍ତୁ : ଯଦି ଗୋଟିଏ ମଣ୍ଡଳୀରେ ଈଶ୍ୱରଙ୍କ ଉପସ୍ଥିତି ଥାଏ, ତେବେ ସେଠାରେ କୌଣସି ବିଶୃଙ୍ଖଳା, କଳହ କିମ୍ବା ବିବାଦ ନ ଥାଏ । ଉପାସନା ସଭାକୁ ତରବରିଆ ଭାବରେ ତିନୋଟି ଗୀତ, ଚାନ୍ଦା ଆଦାୟ ଓ ଗୋଟିଏ ଛୋଟ ଶିକ୍ଷାରେ ସମାପ୍ତ କରାଯାଏ ନାହିଁ । ଏହା ପରିବର୍ତ୍ତେ, ଏକ ନୀରବ ଶାନ୍ତି, ଏକ ସ୍ଥିର ବିଶ୍ରାମ ରହିଥାଏ ଓ ଏହା ମଧ୍ୟରେ ପ୍ରବେଶ କରୁଥିବା ପ୍ରତ୍ୟେକ ଲୋକ ଏହାକୁ ଅନୁଭବ କରନ୍ତି ।

ଅବଶ୍ୟ, ଏହାର ଏହି ଅର୍ଥ ନୁହେଁ ଯେ ଗୋଟିଏ ମଣ୍ଡଳୀ ଉଚ୍ଚ ପ୍ରଶଂସା କିମ୍ବା ଉଲ୍ଲାସପୂର୍ଣ୍ଣ ଉପାସନାର ଅନୁଭୂତି ପାଇପାରିବ ନାହିଁ । ଏହାର ବିପରୀତରେ, ସେହି ବିଷୟଗୁଡ଼ିକ ପ୍ରାୟ ବିଶ୍ରାମରେ ଥିବା ଦଳେ ଲୋକଙ୍କର ଫଳ ଅଟେ । ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ଥିବା ଗୋଟିଏ ମଣ୍ଡଳୀ ସବୁ ସମୟରେ ପ୍ରଭୁଙ୍କଠାରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ବଞ୍ଚିବ, ଅଗ୍ରସର ହେବ ଓ ଉପାସନା କରିବ ।

ଏହି ସମାନ ବିଷୟ ପ୍ରତ୍ୟେକ ଖ୍ରୀଷ୍ଟିଆନ ପାଇଁ ମଧ୍ୟ ସତ୍ୟ ଅଟେ । ଯଦି ଆପଣଙ୍କ ଜୀବନରେ ଯୀଶୁଙ୍କର ଉପସ୍ଥିତି ଥିବ, ତେବେ ଆପଣ ଈଶ୍ୱରଙ୍କ ସ୍ୱର୍ଗୀୟ ଶୃଙ୍ଖଳାର ଅନୁଭୂତି ପାଇବେ । ଆପଣ ଏପରି ଏକ ଶାନ୍ତି ଓ ସୁସ୍ଥିରତା ପାଇବେ ଯେ ଆପଣଙ୍କଠାରେ ଆଉ ଉଦ୍‌ବେଗ ରହିବ ନାହିଁ, ଆପଣ ଚାଳନା ପାଇବା ପାଇଁ ଏଣେ ତେଣେ ଦୌଡ଼ିବେ ନାହିଁ, ପଡ଼ିଯିବାର ଭୟ ଆଉ ରହିବ ନାହିଁ । ଈଶ୍ୱର ସବୁ ବିଷୟକୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଜାଣି ଆପଣ ବିଶ୍ରାମରେ ରହିବେ ।

ଈଶ୍ୱରଙ୍କ ଉପସ୍ଥିତି ତାଙ୍କ ଅନୁଗାମୀମାନଙ୍କ ଜୀବନରେ ଆଣିଥିବା ଆଶୀର୍ବାଦ ସମ୍ବନ୍ଧରେ ପୁରାତନ ନିୟମର ଏହି ଦୃଷ୍ଟାନ୍ତଗୁଡ଼ିକୁ ବିଚାର କରନ୍ତୁ :

ଅବ୍ରାହାମଙ୍କ ଜୀବନରେ ଈଶ୍ୱରଙ୍କ ଉପସ୍ଥିତି ଏତେ ସ୍ପଷ୍ଟ ଥିଲା ଯେ ତାଙ୍କ ଚତୁର୍ଦ୍ଦିଗରେ ଥିବା ଅନ୍ୟ ଦେଶୀୟମାନେ ସୁଦ୍ଧା ତାଙ୍କର ଜୀବନ ଓ ସେମାନଙ୍କ ଜୀବନ ମଧ୍ୟରେ ଥିବା ପାର୍ଥକ୍ୟକୁ ଚିହ୍ନି ପାରିଥିଲେ : ‘‘... ଅବୀମେଲକ ... ଅବ୍ରହାମଙ୍କୁ କହିଲେ, ପରମେଶ୍ୱର ତୁମ୍ଭର ସବୁ କାର୍ଯ୍ୟରେ ସହାୟ ଅଟନ୍ତି’’ (ଆଦି ୨୨:୨୧) । ଏହି ବିଧର୍ମୀ ରାଜା କହୁଥିଲେ, ‘‘ଅବ୍ରହାମ୍, ତୁମଠାରେ କିଛି ଭିନ୍ନ ବିଷୟ ଅଛି । ଈଶ୍ୱର ତୁମକୁ ଚାଳନା ଦେଉଛନ୍ତି, ତୁମକୁ ରକ୍ଷା କରୁଛନ୍ତି ଓ ତୁମେ ଯେଉଁ ସ୍ଥାନକୁ ଯାଉଛ, ସେଠାରେ ତୁମକୁ ଆଶୀର୍ବାଦ କରୁଛନ୍ତି ।’’

- ଈଶ୍ୱର ଯିହୋଶୂୟଙ୍କ ସହବର୍ତ୍ତୀ ଥିଲେ, କୌଣସି ଶତ୍ରୁ ତାଙ୍କ ବିରୁଦ୍ଧରେ ଠିଆ ହୋଇପାରିବ ନାହିଁ ବୋଲି ଈଶ୍ୱର ତାଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ : ‘‘ତୁମ୍ଭର ଯାବଜ୍ଜୀବନ ତୁମ୍ଭ ସମ୍ମୁଖରେ କେହି ଠିଆ ହୋଇପାରିବ ନାହିଁ, ଆମ୍ଭେ ଯେପରି ମୋଶା ସଙ୍ଗରେ ଥିଲୁ, ସେପରି ଆମ୍ଭେ ତୁମ୍ଭ ସଙ୍ଗରେ ଥିବା, ଆମ୍ଭେ ତୁମ୍ଭ ପ୍ରତି ନିରସ୍ତ ହେବା ନାହିଁ, କି ତୁମ୍ଭକୁ ତ୍ୟାଗ କରିବା ନାହିଁ । ତୁମ୍ଭେ ବଳବାନ୍ ଓ ସାହସିକ ହୁଅ ...’’ (ଯିହୋଶୂୟ ୧:୫-୬) । ଯେତେବେଳେ ଈଶ୍ୱରଙ୍କ ଆତ୍ମା ଆମ ସହିତ ଉପସ୍ଥିତି ଥାଆନ୍ତି, ସେତେବେଳେ ଆମେ ବଳବାନ୍ ଓ ସାହସିକ ହୋଇପାରିବା, କାରଣ କୌଣସି ଶତ୍ରୁ ଆମର କ୍ଷତି କରିପାରିବ ନାହିଁ ।

- ଈଶ୍ୱର ଗିଦିୟୋନଙ୍କୁ କହିଥିଲେ, ‘‘ହେ ମହାବିକ୍ରମଶାଳୀ ଲୋକ, ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି ... ତୁମ୍ଭେ ଆପଣା ଏହି ବଳରେ ଯାଇ ... ଇସ୍ରାଏଲକୁ ଉଦ୍ଧାର କର’’ (ବିଚାରକର୍ତ୍ତା ୬:୧୨,୧୪) । ଏହି ପଦରେ ଉଲ୍ଲିଖିତ ‘‘ତୁମ୍ଭର ବଳ’’ ପୂର୍ବ ପଦକୁ ସୂଚିତ କରେ, ଯଥା ‘‘ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି ।’’ ଈଶ୍ୱର କ’ଣ କହୁଛନ୍ତି, ତାହା ଆପଣ ଦେଖିଛନ୍ତି କି ? ‘‘ଗିଦିୟୋନ, ତୁମ୍ଭଠାରେ ଯେଉଁ ବଳ ଅଛି, ତାହା ଏତେ ଶକ୍ତିଶାଳୀ ଯେ ତାହା ଇସ୍ରାଏଲକୁ ରକ୍ଷା କରିପାରିବ । ପୁଣି ସେହି ବଳ ମୋର ଉପସ୍ଥିତି ଅଟେ ।’’ ଧର୍ମଶାସ୍ତ୍ର ଗିଦିୟୋନଙ୍କୁ ଏକ ଭୀରୁ ବୋଲି ପ୍ରକାଶ କରିଛି – ତେବେ ଈଶ୍ୱର କାହିଁକି ତାଙ୍କୁ ଜଣେ ‘‘ବିକ୍ରମଶାଳୀ ଲୋକ’’ ବୋଲି ସମ୍ବୋଧନ କରିଥିଲେ ? କାରଣ ଯେ କୌଣସି ବ୍ୟକ୍ତି ସହିତ ଈଶ୍ୱରଙ୍କ ଉପସ୍ଥିତି ରହିଲେ, ସେ ଯାହା କରିପାରିବ, ତାହାକୁ ଗିଦିୟୋନ ପ୍ରମାଣ କରନ୍ତୁ ବୋଲି ଈଶ୍ୱର ଚାହୁଁଥିଲେ ।

- ସମଗ୍ର ଦେଶ ଯିରିମିୟଙ୍କ ବିରୁଦ୍ଧରେ ଉଠିବ ଓ ତାଙ୍କର ଭାବବାଣୀକୁ ଆଗ୍ରାହ୍ୟ କରିବ ବୋଲି ଈଶ୍ୱର ତାଙ୍କୁ ସତର୍କ କରି ଦେଇଥିଲେ । ତଥାପି ଈଶ୍ୱର ପ୍ରତିଜ୍ଞା କରିଥିଲେ, ‘‘... ସେମାନେ ତୁମ୍ଭ ସଙ୍ଗେ ଯୁଦ୍ଧ କରିବେ, ମାତ୍ର ତୁମ୍ଭକୁ ପରାଜୟ କରିପାରିବେ ନାହିଁ, କାରଣ ... ତୁମ୍ଭକୁ ତ୍ରାଣ କରିବା ପାଇଁ ଓ ତୁମ୍ଭକୁ ଉଦ୍ଧାର କରିବା ପାଇଁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ’’ (ଯିରିମିୟ ୧୫:୨୦) । ଈଶ୍ୱର କହୁଥିଲେ, ‘‘ଯିରିମିୟ, ତୁମ୍ଭ ବିରୁଦ୍ଧରେ ସମଗ୍ର ଦେଶ ଉଠିଲେ ମଧ୍ୟ କିଛି ଚିନ୍ତା କର ନାହିଁ । ମୋର ଉପସ୍ଥିତି ତୁମ୍ଭ ସହିତ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମ୍ଭେ ତୁମ୍ଭ ସହିତ ଥିବାରୁ ସାହସିକ ହୁଅ ।’’

ଈଶ୍ୱର ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ‘‘ଭୟ କର ନାହିଁ’’ ବୋଲି ଗୋଟିଏ ବିଶେଷ ପ୍ରତିଜ୍ଞା ଦିଅନ୍ତି – ଏହା ସେ ଯିହୋଶୂୟଙ୍କୁ କହିଥିଲେ । ‘‘କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର । ତୁମ୍ଭେ ଜଳ ମଧ୍ୟ ଦେଇ ଯିବା ବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବା, ନଦନଦୀ ମଧ୍ୟରେ ଗମନ କଲେ, ସେ ସବୁ ତୁମ୍ଭକୁ ମଗ୍ନ କରିବ ନାହିଁ, ତୁମ୍ଭେ ଅଗ୍ନି ମଧ୍ୟରେ ଗମନ କରିବା ବେଳେ ଦଗ୍ଧ ନୋହିବ, କିଅବା ଅଗ୍ନି ଶିଖା ତୁମ୍ଭର ଦାହ ଜନ୍ମାଇବ ନାହିଁ । କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ... ଆମ୍ଭେ ତୁମ୍ଭକୁ ପ୍ରେମ କରିଅଛୁ ... ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ ...’’ (ଯିଶାଇୟ ୪୩:୧-୫) ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ମାର୍ଚ୍ଚ ୧୯ ରୁ ଏପ୍ରିଲ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ମାର୍ଚ୍ଚ – ୧୯ ଆମର ପ୍ରଭୁ ଜାନୁୟାରୀ ୨୮ରେ ଅନୁଷ୍ଠିତ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର କ୍ରୀଡ଼ା ଦିବସକୁ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୦ ଆମର ପ୍ରଭୁ ୧ ଫେବୃୟାରୀରେ ଅନୁଷ୍ଠିତ ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ବାର୍ଷିକ ଉତ୍ସବ ଉପରେ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୧ ଈଶ୍ୱର ଆମର ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ୧୬ଟି ଭାଷାର ସୁସମାଚାର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୨ ଈଶ୍ୱର ''ବିଶ୍ୱ ଉଦ୍ଦୀପନା ନିମନ୍ତେ ୧୦୦ ପ୍ରାର୍ଥନା ଯୋଦ୍ଧା'' ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରୁଛନ୍ତି ।

ମାର୍ଚ୍ଚ – ୨୩ ଆମର ରାଜ୍ୟ ସଂଯୋଜକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ – ୨୪ ଈଶ୍ୱର ଆମର ମୁଖ୍ୟ ଉପାସନାଳୟରେ ଆମର ମହିଳା ସହଭାଗିତାକୁ ଆଶୀର୍ବାଦ କରିଛନ୍ତି ।

ମାର୍ଚ୍ଚ – ୨୫ ବାଇବଲକୋର୍ – ବେସିକ୍ ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ – ୨୬ ଈଶ୍ୱର ଆମର ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ଦଳର ଯାତ୍ରାଗୁଡ଼ିକ ଉପରେ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ – ୨୭ ଈଶ୍ୱରଆମର ନିହିମିୟା ବାଇବଲ କଲେଜକୁ ଦକ୍ଷ ଅଧ୍ୟାପକ ଯୋଗାଇଛନ୍ତି ।

ମାର୍ଚ୍ଚ – ୨୮ ଈଶ୍ୱର ଆମକୁ ଉତ୍ତମ କର୍ମଚାରୀ ଦେଇଛନ୍ତି ।

ମାର୍ଚ୍ଚ – ୨୯ ଈଶ୍ୱର ଆମର ମୁଖ୍ୟ ଉପାସନାଳୟରେ ଅଧିକ ପ୍ରାର୍ଥନା ଯୋଦ୍ଧା ଦେଇଛନ୍ତି ।

ମାର୍ଚ୍ଚ – ୩୦ ଆମର ସହାୟତାକାରୀମାନଙ୍କର ପ୍ରାର୍ଥନା ଓ ଅର୍ଥ ସାହାଯ୍ୟ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ମାର୍ଚ୍ଚ – ୩୧ ପ୍ରଭୁ ଆମର ଶାଖା ମଣ୍ଡଳୀଗୁଡ଼ିକୁ ଓ ବିଶ୍ୱାସୀମାନଙ୍କୁ ଆଶୀର୍ବାଦ କରିଛନ୍ତି ।

ଏପ୍ରିଲ – ୧ ଈଶ୍ୱର ଗତମାସ ଆମ 'ଆହ୍ୱାନର ପ୍ରତିଧ୍ୱନି' ମଣ୍ଡଳୀ ଗୁଡ଼ିକର ସମସ୍ତ କାର୍ଯ୍ୟରେ ଆଶୀର୍ବାଦ କରିଥିଲେ ।

ଏପ୍ରିଲ – ୨ ଅନେକ ଆତ୍ମା ଆମ ମୁଖ୍ୟ ଉପାସନାଳୟ ଓ ଶାଖାମଣ୍ଡଳୀ ଗୁଡ଼ିକରେ ସଂଯୁକ୍ତ ହୋଇଛନ୍ତି ।

ଏପ୍ରିଲ – ୩ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

## ପ୍ରାର୍ଥନାର ବିଷୟ

ଏପ୍ରିଲ – ୪ ଏହି ମାସ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର'' ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୫ ସରକାରୀ ପରୀକ୍ଷା ଦେବାକୁ ଯାଉଥିବା ସମସ୍ତ ଛାତ୍ରମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୬ ୨୦୨୦ ମଇ ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମର ପୁରାତନ ଛାତ୍ରମାନଙ୍କର ସମ୍ମିଳନୀ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୭ ଚୀନରେ ଓ ସମସ୍ତ ଆକ୍ରାନ୍ତ ଦେଶରେ କରୋନା ଭୂତାଣୁର ସଂପୂର୍ଣ୍ଣ ଦୂରୀକରଣ ପାଇଁ ଆନ୍ତରିକ ଭାବରେ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୮ ୨୦୨୦ ଜୁନ୍ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ଆମ ''ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ'' ଉତ୍ସବ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୯ ଈଶ୍ୱର ଯେପରି ୨୦୨୦–୨୦୨୧ରେ ଆମ ନିହିମିୟା ବାଇବଲ କଲେଜକୁ ଅଧିକ ଛାତ୍ର ଯୋଗାଇବେ ।

ଏପ୍ରିଲ – ୧୦ ଆମ ମୁଖ୍ୟ ଓ ଶାଖାମଣ୍ଡଳୀ ଗୁଡ଼ିକରେ ଶୁଭ ଶୁକ୍ରବାର ଓ ଇଷ୍ଟର ଉପାସନା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୧ ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଈଶ୍ୱର ଯେପରି ଆବଶ୍ୟକୀୟ ସୁରକ୍ଷା ଦେବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୨ ଆମ ମୁଖ୍ୟ ଉପାସନାଳୟରେ, ପ୍ରତ୍ୟେକ ରବିବାର ଅନୁଷ୍ଠିତ ହେଉଥିବା ସାତଟି ଉପାସନା ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୩ ପୃଥିବୀର ସମସ୍ତ ବନ୍ଦୀମାନଙ୍କର ପରିତ୍ରାଣ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୪ 'ଆହ୍ୱାନର ପ୍ରତିଧ୍ୱନି'ର ମୁଖ୍ୟ କାର୍ଯ୍ୟାଳୟ ନିକଟରେ ରହୁଥିବା ଲୋକମାନଙ୍କର ପରିତ୍ରାଣ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୫ ଆମର ଉର୍ଦ୍ଦୁ ସଂପାଦକ, ଭାଇ.ସୁରଜ କୁମାର ଚାନ୍ଦାନିଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ତାଙ୍କ ପରିବାର ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୬ ସମସ୍ତ ଦେଶରେ ସୀମା ସୁରକ୍ଷା ଓ ସୁରକ୍ଷିତ ସରକାର ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୭ ଭାରତର ସମସ୍ତ ନେତା, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସମସ୍ତ ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଏପ୍ରିଲ – ୧୮ ସମଗ୍ର ପୃଥିବୀର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଈଶ୍ୱର କହୁଥିଲେ, ‘‘ତୁମ୍ଭ ସହିତ ଆମ୍ଭର ଉପସ୍ଥିତି ରହିଥିବାରୁ, ତୁମ୍ଭେ ଯେ କୌଣସି ବନ୍ୟା କିମ୍ବା ଅଗ୍ନି ମଧ ଦେଇ ଗଲେ ସୁଦ୍ଧା ବଞ୍ôଚିବ । ତୁମ୍ଭେ କେବଳ ଯେ ବଞ୍ôଚିବ ତା’ ନୁହେଁ । ତୁମ୍ଭେ ଏହି ସମସ୍ତ ମଧ ଦେଇ ଆଶୀର୍ବାଦ ଓ ଦୟା ପାଇବ କାରଣ ଆମ୍ଭର ଉପସ୍ଥିତି ତୁମ୍ଭ ସହିତ ଅଛି ।

ପୁରାତନ ନିୟମର ଅନୁଚ୍ଛେଦଗୁଡ଼ିକ କେବଳ ମୃତ ପ୍ରାୟ କାହାଣୀ ନୁହେଁ । ସେଗୁଡ଼ିକ ଆମ ଜୀବନରେ ଈଶ୍ୱରଙ୍କ ଉପସ୍ଥିତି ଅନ୍ୱେଷଣ କରିବା ପାଇଁ ଆମକୁ ଉତ୍ସାହିତ କରିବାକୁ ଉଦ୍ଦିଷ୍ଟ ଅଟେ । ଈଶ୍ୱରଙ୍କ ଉପସ୍ଥିତି ଅବ୍ରହାମ୍, ଯିହୋଶୂୟ, ଗିଦିୟୋନ, ଯିରିମିୟ ଓ ସମସ୍ତ ଇସ୍ରାଏଲ ପାଇଁ ଯାହା କରିଥିଲା, ସେଥି ନିମନ୍ତେ ଆମେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇପାରିବା । ତଥାପି ଆମେ ପ୍ରତ୍ୟେକଙ୍କ ନିକଟରେ ଈଶ୍ୱରଙ୍କ ଉପସ୍ଥିତି ଆମକୁ ଚାଳନା ଦେବାରେ, ଦ୍ୱାରା ଉନ୍ମୁକ୍ତ କରିବାରେ, ପ୍ରତିବନ୍ଧକ ଦୂର କରିବାରେ, ହୃଦୟଗୁଡ଼ିକୁ ତରଳାଇବାରେ ଓ ଆମକୁ ନିର୍ଭୀକ କରିବାରେ ଯାହା କରିଛନ୍ତି, ସେ ସମ୍ବନ୍ଧରେ ଏକ ଶକ୍ତିପୂର୍ଣ୍ଣ ସାକ୍ଷ୍ୟ ରହିଅଛି ।

ମୁଁ ମୋ’ ଜୀବନରେ ଏହି ପ୍ରମାଣିତ ସତ୍ୟ ଦେଖିଅଛି । ଆପଣ କହିପାରନ୍ତି, ‘‘ଆପଣ କେବଳ ଗର୍ବ କରୁଛନ୍ତି !’’ ନା – ପ୍ରକୃତ ବିଷୟ ହେଉଛି, ମୋ’ ସହିତ ସର୍ବଦା ଈଶ୍ୱରଙ୍କ ଉପସ୍ଥିତି ରହିଅଛି !

ଯେତେବେଳେ ଆମେ ୧୦ ବର୍ଷ ପୂର୍ବେ ଆମର ମଣ୍ଡଳୀ ଆରମ୍ଭ କଲୁ, ସେତେବେଳେ ଆମେ ଯାହା କରୁଥିଲୁ, ସେଥିରେ ଆମଠାରୁ ଖ୍ରୀଷ୍ଟଙ୍କ ଉପସ୍ଥିତି ପ୍ରକାଶ ପାଉଥିଲା । ମୋର ମନେ ଅଛି, ମୁଁ ଗୋଟିଏ ଗୀର୍ଜ୍ଜାଗୃହ ଭାବରେ ବ୍ୟବହାର କରିବା ପାଇଁ ଗୋଟିଏ ପ୍ରେକ୍ଷାଳୟର ସନ୍ଧାନରେ ଜଣେ ପ୍ରସିଦ୍ଧ ପ୍ରଯୋଜକଙ୍କ କାର୍ଯ୍ୟାଳୟକୁ ଯାଇଥିଲି । ଏହି ବ୍ୟକ୍ତିର ସଚିବ ଓ କର୍ମଚାରୀମାନେ ମୋତେ ପରିହାସ କରିଥିଲେ, ସେମାନଙ୍କ ବାକ୍ୟ ଓ ମନୋଭାବ ମୋତେ ଏହି ନିଶ୍ଚୟତା ଦେଇଥିଲା ଯେ ମୁଁ ଜଣେ ଦୀନହୀନ ପ୍ରଚାରକ ହୋଇଥିବାରୁ ମୁଁ ତାଙ୍କ ସହିତ ସାକ୍ଷାତ୍ କରିବାକୁ ସମର୍ଥ ହେବି ନାହିଁ । ପ୍ରକୃତରେ, ମୋତେ ସେଠାରୁ ବିତାଡ଼ିତ କରା ଦିଆଯାଇପାରେ ବୋଲି ମୁଁ ଭାବିଲି । ମାତ୍ର ଏହାପରେ ପ୍ରଯୋଜକ ତାଙ୍କ କାର୍ଯ୍ୟାଳୟ ମଧ୍ୟରୁ ବାହାରି ଆସିଲେ ଓ ମୋତେ ଦେଖିବା ପରେ, ସେ ମୋତେ ଭିତରକୁ ଡାକିଲେ ।

ପରବର୍ତ୍ତୀ ଅନେକ ସପ୍ତାହ ଧରି, ସେହି ପ୍ରଯୋଜକ ଓ ମୁଁ ପରସ୍ପରକୁ ଜାଣିବାରେ ଲାଗିଲୁ । ବେଳେ ବେଳେ ସେ ମୋ’ ଆଡକୁ ଚାହିଁ କହୁଥିଲେ, ‘‘ମୁଁ କାହିଁକି ଆପଣଙ୍କ ସହିତ ଏତେ ସମୟ କାଟୁଛି, ତାହା ମୁଁ ଜାଣି ନାହିଁ । ମୋର କାର୍ଯ୍ୟସୂଚୀ ଅତି ବ୍ୟସ୍ତ ଅଟେ ।’’ ମାତ୍ର ଯେତେବେଳେ ମୁଁ ତାଙ୍କ କାର୍ଯ୍ୟାଳୟ ମଧ୍ୟକୁ ଯାଉଥିଲି, ତାଙ୍କର ସଚିବ ଅନ୍ୟ ସମସ୍ତ ଆଗନ୍ତୁକଙ୍କୁ ପଛକୁ ଠେଲି ଦେଇ ମୋତେ କହୁଥିଲେ, ‘‘ମହାଶୟ, ଭିତରକୁ ଯାଆନ୍ତୁ, ସେ ଆପଣଙ୍କ ପାଇଁ ଅପେକ୍ଷା କରିଛନ୍ତି ।’’

ଶେଷରେ, ଏହି ବ୍ୟକ୍ତି ତାଙ୍କର ପ୍ରେକ୍ଷାଳୟକୁ ମଣ୍ଡଳୀର ବ୍ୟବହାର ପାଇଁ ଆମକୁ ବିକ୍ରି କରି ଦେଲେ । ଏପରିକି ସେ ବିକ୍ରୟ ଦଲିଲ୍‌ରେ ଦସ୍ତଖତ କରୁଥିବା ସମୟରେ କହିଥିଲେ, ‘‘ମୁଁ କାହିଁକି ଏହା କରୁଛି, ତାହା ଜାଣେ ନାହିଁ ।’’ କେବଳ ଈଶ୍ୱରଙ୍କ ଉପସ୍ଥିତି ହିଁ ସେହି ଗୃହକୁ ଆମକୁ ବିକ୍ରୟ କରିବା ପାଇଁ ତାଙ୍କୁ ପ୍ରରୋଚିତ କରିଥିଲା ।

ମୁଁ ଦେଖୁଛି, ଈଶ୍ୱର ଅନ୍ୟମାନଙ୍କର ହୃଦୟ ମଧ ପରିବର୍ତ୍ତନ କରିଥିଲେ । ଆମ ଗୃହ ନିକଟରେ ଯେଉଁ ଗୃହ ଥିଲା, ତା’ର ମାଲିକ ଆମକୁ ଏହା ବିକ୍ରୟ କରିବା ପାଇଁ ଅସମ୍ମତ ଥିଲେ । ମାତ୍ର ସମୟକ୍ରମେ, ସେ ମୋର ଜଣେ ବନ୍ଧୁ ହୋଇଗଲେ ଓ ଶେଷରେ ସେ ଆମକୁ ସେହି ଗୃହଟିକୁ ବିକ୍ରି କରି ଦେଇଥିଲେ । ଏହା ସହିତ, ସେ ମୋତେ କହିବାରେ ଲାଗିଥିଲେ, ‘‘କେହି ଜଣେ ଆପଣଙ୍କ ପାଇଁ କାର୍ଯ୍ୟ କରୁଅଛନ୍ତି ।’’

ତାହା ଈଶ୍ୱରଙ୍କ ଉପସ୍ଥିତିର ଶକ୍ତି ଅଟେ । ପୁଣି ପ୍ରତ୍ୟେକ ଖ୍ରୀଷ୍ଟିଆନ ସମାନ ଭାବରେ ସାକ୍ଷ୍ୟ ଦେଇପାରନ୍ତି : ‘‘ମୋ’ ସହିତ ଥିବା ଈଶ୍ୱରଙ୍କ ଉପସ୍ଥିତି ମହତ୍ ବିଷୟ ସାଧନ କରିଅଛି ।’’

**ଆମ ଜୀବନରେ ଈଶ୍ୱରଙ୍କ ଉପସ୍ଥିତିକୁ ପାଇବା ଓ ଧରି ରଖିବା ସହିତ ସଂଯୁକ୍ତ ଏକ ସର୍ତ୍ତ ଅଛି ।**

ଈଶ୍ୱର ଆମ ଜୀବନରେ ତାଙ୍କ ଉପସ୍ଥିତି ସହିତ ଏକ ସର୍ତ୍ତ ଯୋଗ କରିଛନ୍ତି । ଏହି ସର୍ତ୍ତ ୨ ବଂଶାବଳୀ ୧୫ରେ ମିଳେ । ପୂର୍ବ ଅଧ୍ୟାୟରେ, ରାଜା ଆସା ଯିହୁଦୀ ସୈନ୍ୟବାହିନୀ ଦ୍ୱାରା ଇଥିଓପିଆ (କୂଶ)ର ଲକ୍ଷ ଲକ୍ଷ ସୈନ୍ୟ ବିଶିଷ୍ଟ ସେନା ବାହିନୀ ଉପରେ ମହା ବିଜୟ ପାଇଥିଲେ । ମାତ୍ର ଈଶ୍ୱରଙ୍କ ଉପସ୍ଥିତି ହିଁ ଶତ୍ରୁମାନଙ୍କୁ ଛିନ୍ନଭିନ୍ନ କରିଥିଲା ବୋଲି ରାଜା ଆସା ସାକ୍ଷ୍ୟ ଦେଇଥିଲେ ।

‘‘ଏଥିରେ ଆସା ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ନିକଟରେ ଡାକ ପକାଇ କହିଲେ, ସଦାପ୍ରଭୁ, ବଳବାନ୍ ଓ ବଳହୀନ ଲୋକ ମଧ୍ୟରେ ସାହାଯ୍ୟ କରିବାକୁ ତୁମ୍ଭ ବିନା ଆଉ କେହି ନାହାନ୍ତି, ହେ ସଦାପ୍ରଭୋ, ଆମ୍ଭମାନଙ୍କ ପରମେଶ୍ୱର, ଆମ୍ଭମାନଙ୍କର ସାହାଯ୍ୟ କର, କାରଣ ଆମ୍ଭେମାନେ ତୁମ୍ଭ ଉପରେ ନିର୍ଭର କରୁଅଛୁ ଓ ତୁମ୍ଭ ନାମରେ ଏହି ଜନତା ପ୍ରତିକୂଳରେ ଆସିଅଛୁ ... ଏଥିରେ ସଦାପ୍ରଭୁ ଆସା ସମ୍ମୁଖରେ ... କୂଶୀୟମାନଙ୍କୁ ଆଘାତ କଲେ’’ (୨ ବଂଶାବଳୀ ୧୪:୧୧–୧୨) ।

ଆସା ଓ ତାଙ୍କର ସୈନ୍ୟବାହିନୀ ଯିରୂଶାଲମକୁ ବିଜୟ ଶୋଭା ଯାତ୍ରାରେ ଫେରି ଆସୁଥିବା ସମୟରେ, ଅସରିୟ ନାମକ ଜଣେ ଭାବବାଦୀ ସେମାନଙ୍କୁ ନଗର ଦ୍ୱାର ନିକଟରେ ସାକ୍ଷାତ୍ କଲେ ଓ ସେମାନଙ୍କୁ ଈଶ୍ୱରଙ୍କ ବାର୍ତ୍ତା ଜଣାଇ କହିଲେ, ‘‘ହେ ଆସା ... ମୋ’ କଥା ଶୁଣ, ତୁମ୍ଭେମାନେ ସଦାପ୍ରଭୁଙ୍କ ସଙ୍ଗେ ଥିବା ଯାଏ ସେ ତୁମ୍ଭମାନଙ୍କ ସଙ୍ଗେ ଅଛନ୍ତି, ଯେବେ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କରିବ, ତେବେ ତୁମ୍ଭେମାନେ ତାହାଙ୍କ ଉଦ୍ଦେଶ୍ୟ ପାଇବ, ମାତ୍ର ଯେବେ ତୁମ୍ଭେମାନେ ତାହାଙ୍କୁ ପରିତ୍ୟାଗ କରିବ, ତେବେ ସେ ତୁମ୍ଭମାନଙ୍କୁ ପରିତ୍ୟାଗ କରିବେ । ଇସ୍ରାଏଲ ବହୁକାଳ ପର୍ଯ୍ୟନ୍ତ ସତ୍ୟ ପରମେଶ୍ୱର ବିହୀନ ... ହୋଇଥିଷଲ । ମାତ୍ର ସେମାନେ ଆପଣା ଦୁର୍ଦ୍ଦଶା ସମୟରେ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱରଙ୍କ ପ୍ରତି ଫେରି ତାହାଙ୍କର ଅନ୍ୱେଷଣ କରନ୍ତେ, ତାହାଙ୍କର ଉଦ୍ଦେଶ୍ୟ ପାଇଲେ (୨ ବଂଶାବଳୀ ୧୫:୨–୪) ।

ଏଠାରେ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ଉପସ୍ଥିତିକୁ ପାଇବା ଓ ଧରି ରଖିବାର ରହସ୍ୟ ଅଛି । ପ୍ରଭୁ ଆସାଙ୍କୁ ସ୍ମରଣ କରାଇ ଦେଇଥିଲେ, ‘‘ଆସା, ଏହି ବିଜୟ ତୁମେ କିପରି ପାଇଲ, ତାହା କେବେ ଭୁଲିବ ନାହିଁ । ଯେତେବେଳେ ତୁମେ ବିପଦରେ ଥିଲ, ସେତେବେଳେ ତୁମେ ସଂପୂର୍ଣ୍ଣ ଭାବରେ ମୋ’ ଅନୁସାରେ ଚାଲି, ହୃଦୟର ସହିତ ମୋତେ ଅନ୍ୱେଷଣ କରିଥିଲ – ଓ ମୁଁ ତୁମ ନିକଟକୁ ମୋର ଉପସ୍ଥିତି ପ୍ରେରଣ କରିଥିଲି । ମୋର ଉପସ୍ଥିତି ହିଁ ତୁମ ସମ୍ମୁଖରୁ ତୁମ ଶତ୍ରୁମାନଙ୍କୁ ବିତାଡ଼ିତ କରିଥିଲା ।’’

ବର୍ତ୍ତମାନ ଅସରିୟ ଆସାଙ୍କୁ କହୁଥିଲେ, ‘‘ତୁମେ କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟ କି ପ୍ରକାର ଥିଲା, ତାହା ତୁମେ ସ୍ମରଣ କରୁଛ କି ? ପ୍ରତ୍ୟେକ ବିଷୟ ନିୟନ୍ତ୍ରଣ ବାହାରେ ଥିଲା, କୌଣସି ଆଇନ, କୌଣସି ଚାଳନା, କୌଣସି ଧର୍ମ ଶିକ୍ଷା ନ ଥିଲା । ପ୍ରତ୍ୟେକ ଜଣଙ୍କ ନିକଟରେ ତା’ର ନିଜସ୍ୱ ବ୍ୟବସ୍ଥା ଥିଲା ଓ ପ୍ରତ୍ୟେକେ ନିଜ ଇଚ୍ଛାରେ କାର୍ଯ୍ୟ କରୁଥିଲେ ।’’

ଆଜି ଏହା ଅନେକ ଖ୍ରୀଷ୍ଟିଆନ ଗୃହର ଏକ ସଠିକ୍ ଚିତ୍ର ଅଟେ । ପ୍ରତ୍ୟେକ ବିଷୟ ବିଶୃଙ୍ଖଳିତ, କୌଣସି କର୍ତ୍ତୃତ୍ୱ, ଶାନ୍ତି କିମ୍ବା ବିଶ୍ରାମ ନାହିଁ । ପ୍ରତ୍ୟେକ ଜଣ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତି । ଏହିପରି ଅନେକ ପରିବାର ଦୁଃଖଦ ଓ ଅଚଳ ଓ ବିଶୃଙ୍ଖଳାରେ ପରିଣତ ହୋଇଅଛି ।

ମାତ୍ର ଏହା ଏପରି ହେବା ଉଚିତ୍ ନୁହେଁ । କୌଣସି ଖ୍ରୀଷ୍ଟିଆନ ଗୃହ ଅଚଳ ହୋଇ ରହିବା ଉଚିତ୍ ନୁହେଁ । ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ ଅପରିବର୍ତ୍ତନୀୟ ଅଟେ ଓ ତାଙ୍କର ବାକ୍ୟ ଏହି ଶପଥ କରେ, ‘‘ତୁମ ଜୀବନର ଅବଶିଷ୍ଟ କାଳରେ, ତୁମେ ଯେ ପର୍ଯ୍ୟନ୍ତ ମୋର ଅନ୍ୱେଷଣ କରିବ – ମୁଁ ତୁମ ସହିତ ରହିବି । ତୁମେ ମୋ’ ନିକଟରେ କ୍ରନ୍ଦନ କରିବା ସମୟରେ, ମୁଁ ସର୍ବଦା ତୁମ ପ୍ରତି ଉପଲବ୍ଧ ହେବ ।’’

ଏହା ଏକ ଜଟିଳ ଧର୍ମତତ୍ତ୍ୱ ନୁହେଁ । ସରଳ ଭାଷାରେ କହିବାକୁ ଗଲେ, ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ – କିମ୍ବା ସେମାନଙ୍କ ମଧ୍ୟରୁ କେବଳ ଜଣେ ପ୍ରଭୁଙ୍କର ଅନ୍ୱେଷଣ କରୁଥାନ୍ତି, ତେବେ ସେମାନଙ୍କ ଗୃହ ପାଇଁ ବିପଦ୍‌ଗ୍ରସ୍ତ ହେବାର କିମ୍ବା ‘‘ବିଶୃଙ୍ଖଳିତ ହେବାର ଆବଶ୍ୟକ ନ ଥାଏ । ଯଦି ସେମାନଙ୍କ ମଧ୍ୟରୁ କେହି ଜଣେ ଗୃହ ପାଇଁ ପ୍ରଭୁଙ୍କୁ ଅନ୍ୱେଷଣ କରିବ, ତେବେ ସେ ପ୍ରଭୁଙ୍କର ସ୍ଥାୟୀ ଉପସ୍ଥିତି ପାଇପାରିବ ।

‘‘ତୁମ୍ଭେମାନେ ପ୍ରଭୁଙ୍କର ଉଦ୍ଦେଶ୍ୟ ପାଇବ’’ (୨ ବଂଶାବଳି ୧୫:୨) । ଏଠାରେ ‘ଉଦ୍ଦେଶ୍ୟ’ ପାଇଁ ବ୍ୟବହୃତ ହିବ୍ରୁ ଶବ୍ଦ ‘‘ମାତ୍‌ସା’’ର ଅର୍ଥ ‘‘ସାମର୍ଥ୍ୟ ଦେବା ପାଇଁ, ଆଶୀର୍ବାଦ କରିବା ପାଇଁ ତାଙ୍କ ଉପସ୍ଥିତିର ଆଗମନ ।’’ ସଂକ୍ଷେପରେ, ଏହି ପଦଟି ଆମକୁ କହିଛି, ‘‘ତୁମ୍ଭେମାନେ ସର୍ବାନ୍ତଃକରଣ ସହିତ ପ୍ରଭୁଙ୍କର ଅନ୍ୱେଷଣ କର ଓ ସେ ନିଜ ଉପସ୍ଥିତି ସହିତ ତୁମ୍ଭମାନଙ୍କ ନିକଟକୁ ଆସିବେ । ବାସ୍ତବରେ, ତାଙ୍କର ଉପସ୍ଥିତି ତୁମ୍ଭମାନଙ୍କ ଜୀବନରୁ ପ୍ରକାଶ ପାଉଥିବା ଏକ ମହାଶକ୍ତି ହେବ ।’’

**ଧର୍ମଶାସ୍ତ୍ର ଅନୁସାରେ, ଈଶ୍ୱରଙ୍କୁ ଅନ୍ୱେଷଣ କରିଚାଲିବା, ଆମ ସହିତ ତାଙ୍କ ଉପସ୍ଥିତି ବିଷୟରେ ସୁନିଶ୍ଚିତ ହେବା ଆମର ମୁଖ୍ୟ ଚିନ୍ତା ହେବା ଆବଶ୍ୟକ ।**

ଈଶ୍ୱର ପ୍ରତ୍ୟେକ ବିଶ୍ୱାସୀ ସହିତ ତାଙ୍କ ଅନୁଗ୍ରହର ନିୟମ ସ୍ଥାପନ କରିଛନ୍ତି । ଏହି ନିୟମ ଏହିପରି ପ୍ରତିଜ୍ଞାଗୁଡ଼ିକରେ ମୂର୍ତ୍ତିମନ୍ତ ହୋଇଛି, ଯଥା, ‘‘ଈଶ୍ୱର ଆମ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଛନ୍ତି ।’’ ‘‘ଯୀଶୁ ଆମ ପାଇଁ ଅଭିଶପ୍ତ ହୋଇଥିଲେ ।’’ ‘‘ସେ ଆମକୁ ଛାଡ଼ିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ ।’’

ଆହୁରି ମଧ ଈଶ୍ୱର ସେହି ଲୋକମାନଙ୍କୁ କିଛି ବିଶେଷ ପ୍ରତିଜ୍ଞା ଦେଇଛନ୍ତି ଯେଉଁମାନେ ସେମାନଙ୍କର

ସର୍ବାନ୍ତଃକରଣ ସହିତ ତାଙ୍କୁ ଅନ୍ୱେଷଣ କରିବା ପାଇଁ ଦୃଢ଼ ଅଟନ୍ତି । କିନ୍ତୁ, ଏହି ନିୟମ କଠୋର ଭାବେ ସର୍ତ୍ତମୂଳକ ଅଟେ । ଧର୍ମଶାସ୍ତ୍ର ସ୍ପଷ୍ଟଭାବରେ କହିଛି ଯେ ଯଦି ଆମେ ଏହି ନିୟମ ଦ୍ୱାରା ଆଚରଣ କରିବୁ, ତେବେ ଆମେ ଆମ ଜୀବନରେ ଈଶ୍ୱରଙ୍କ ଉପସ୍ଥିତିର ଅବିଶ୍ୱସନୀୟ ଆଶୀର୍ବାଦ ଉପଭୋଗ କରିବେ । ପୁଣି ଏହା କେବଳ ପରିତ୍ରାଣର ସମସ୍ୟାକୁ ସୂଚାଏ ନାହିଁ । ଏହା ଈଶ୍ୱରଙ୍କର ଏପରି ଅନ୍ୱେଷଣକାରୀ ହେବା ବିଷୟରେ କହେ ଯାହା ଦ୍ୱାରା ଆମ ଉପରେ ତାଙ୍କର ଭୀତି ପ୍ରଦ ଉପସ୍ଥିତି ବୃଷ୍ଟି ହୁଏ ଓ ଏହାକୁ ସମସ୍ତେ ଦେଖିପାରନ୍ତି ଓ ଜାଣିପାରନ୍ତି ।

ଈଶ୍ୱର ତାଙ୍କ ଉପସ୍ଥିତିର ଏହି ନିୟମକୁ ଏପରି ଜଣେ ଅଜ୍ଞାତ ଭାବବାଦୀଙ୍କ ମାଧ୍ୟମରେ ପ୍ରକାଶ କରିଥିଲେ ଯିଏ ଇସ୍ରାଏଲର ମହାଯାଜକ, ଏଲୀଙ୍କୁ ଗୋଟିଏ ବାର୍ତ୍ତା ଜଣାଇଥିଲେ । ସେହି ସମୟରେ ଏଲୀ ସଦାପ୍ରଭୁଙ୍କ ପଥରୁ ସ୍ଖଳିତ ହୋଇଥିଲେ । ସେ ପାପ ଓ ବୁଝାମଣାକୁ ସୁଯୋଗ ଦେଇଥିବାରୁ, ସଦାପ୍ରଭୁ ଏହାର ବିରୁଦ୍ଧରେ ତାଙ୍କୁ ସତର୍କ କରି ଦେଇଥିଲେ । ମାତ୍ର ଏଲୀ ଈଶ୍ୱରଙ୍କ ସମସ୍ତ ବାକ୍ୟକୁ ଅବଜ୍ଞା କରିଥିଲେ । ପୁଣି ବର୍ତ୍ତମାନ, ଏହି ଅଜ୍ଞାତ ଭାବବାଦୀ ଏଲୀଙ୍କୁ କହିଥିଲେ, ‘‘... ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର କହନ୍ତି, ତୁମ୍ଭ ଗୃହ ଓ ତୁମ୍ଭ ପିତୃଗୃହ ଆମ୍ଭ ସମ୍ମୁଖରେ ଅନନ୍ତକାଳ ଗମନାଗମନ କରିବେ ବୋଲି ଆମ୍ଭେ କହିଥିଲୁ ପ୍ରମାଣ, ମାତ୍ର ଏବେ ସଦାପ୍ରଭୁ କହନ୍ତି, ତାହା ଆମ୍ଭଠାରୁ ଦୂର ହେଉ, କାରଣ ଯେଉଁମାନେ ଆମ୍ଭର ଗୌରବ କରନ୍ତି, ଆମ୍ଭେ ସେମାନଙ୍କର ଗୌରବ କରିବା, ମାତ୍ର ଯେଉଁମାନେ ଆମ୍ଭକୁ ତୁଚ୍ଛଜ୍ଞାନ କରନ୍ତି, ସେମାନେ ଲଘୁଜ୍ଞାନ କରାଯିବେ’’ (୧ ଶାମୁୟେଲ ୨:୩୦) ।

‘‘ଲଘୁଜ୍ଞାନ କରାଯିବେ’’ ପଦଟି ଈଶ୍ୱର ନିଜ ଉପସ୍ଥିତିକୁ ଦୂର କରିବା ସହିତ ସଂପୃକ୍ତ ଅଟେ । ଏହାର ଏହି ଅର୍ଥ ନୁହେଁ ଯେ ଜଣେ ବ୍ୟକ୍ତି ଦଣ୍ଡିତ ହୁଏ, ମାତ୍ର ଏହାର ଅର୍ଥ ହେଉଛି, ତାକୁ ତା’ର ନିଜର ଶାରୀରିକ ଶକ୍ତିରେ ଚାଲିବାକୁ ହୁଏ । ଈଶ୍ୱର ଏଲୀଙ୍କୁ କହୁଥିଲେ, ‘‘ଆମ୍ଭେ ତୁମ୍ଭ ଗୃହକୁ ଆଶୀର୍ବାଦ କରିବା ପାଇଁ, ତୁମ୍ଭକୁ ଦୟା କରିବା ପାଇଁ ଇଚ୍ଛା କରିଥିଲୁ । ମାତ୍ର ତୁମ୍ଭେ ଆମ୍ଭକୁ ତୁଚ୍ଛ କରିଅଛ ଓ ପାପ ପ୍ରତି କୋମଳ ହୋଇଅଛ । ତୁମ୍ଭର ଲାଳସା ଆମ୍ଭକୁ ଦୂରକୁ ଠେଲି ଦେଇଛି, ବର୍ତ୍ତମାନ ଆମ୍ଭେ ତୁମ୍ଭଠାରୁ ଆମ୍ଭର ଉପସ୍ଥିତି ନେଇଯିବା ।’’

ଅନେକ ଲୋକ ପ୍ରାରମ୍ଭିକ ଭାବରେ ବଡ଼ ବିଶ୍ୱାସ ସହିତ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି । ମାତ୍ର ସମୟକ୍ରମେ ସେମାନଙ୍କ ଉତ୍ସାହ କ୍ଷୀଣ ହୋଇଯାଏ ଓ ସେମାନେ ପ୍ରଭୁଙ୍କ ପ୍ରତି ଅବହେଳା ଦେଖାଇବା ଆରମ୍ଭ କରନ୍ତି । ସେମାନେ ତାଙ୍କ ଆଜ୍ଞାଗୁଡ଼ିକୁ ଲଘୁଜ୍ଞାନ କରନ୍ତି ଓ ସେମାନଙ୍କର ପୁରାତନ, ପାପପୂର୍ଣ୍ଣ ମାର୍ଗକୁ ଫେରିଯାଆନ୍ତି । ତଥାପି ଈଶ୍ୱରଙ୍କ ଉପସ୍ଥିତି ସେମାନଙ୍କ ସହିତ ରହିଛି ବୋଲି ସେମାନେ ବିଶ୍ୱାସ କରନ୍ତି । ନା – ତାହା ଏକ ମିଥ୍ୟା, ଏକ ଭ୍ରାନ୍ତି ଅଟେ । ବାଇବଲ ସ୍ପଷ୍ଟଭାବରେ କହିଛି : ‘‘ଯଦି ତୁମ୍ଭେମାନେ ତାଙ୍କୁ ପରିତ୍ୟାଗ କରିବ, ତେବେ ସେ ତୁମ୍ଭମାନଙ୍କୁ ପରିତ୍ୟାଗ କରିବେ !’’

ଈଶ୍ୱରଙ୍କ ପ୍ରତିଜ୍ଞାଗୁଡ଼ିକ କେବେହେଲେ ବିଫଳ ହୁଏ ନାହିଁ । ମାତ୍ର ଏହି ଉପସ୍ଥିତି ସମ୍ବନ୍ଧୀୟ ନିୟମ ଭଳି କେତେକ ପ୍ରତିଜ୍ଞା ସଂପୂର୍ଣ୍ଣ ଭାବରେ ସର୍ତ୍ତମୂଳକ ଅଟେ । ସେଗୁଡ଼ିକ କେବଳ ଆମର ସହଯୋଗ ଅପେକ୍ଷା ଅଧିକ ବିଷୟ ଆବଶ୍ୟକ କରନ୍ତି । ଅବଶ୍ୟ, ଈଶ୍ୱର ଆମକୁ କେବେହେଲେ ପରିତ୍ୟାଗ କରିବେ ନାହିଁ କିମ୍ବା ଆମକୁ ପ୍ରେମ କରିବା ବନ୍ଦ କରିବେ ନାହିଁ । ମାତ୍ର ଯଦି ଆମେ ପାପରେ ରହିଥିବା, ତେବେ ତାଙ୍କର ଉପସ୍ଥିତି ଆମ ସହିତ ରହିବ ନାହିଁ ଓ ଆମର ଜୀବନ ଆଉ ତାଙ୍କର ଶକ୍ତିପୂର୍ଣ୍ଣ ଉପସ୍ଥିତିର ଏକ ମାଧ୍ୟମ ହେବ ନାହିଁ । ଆମେ କୌଣସି ଶକ୍ତି କିମ୍ବା ଚାଳନା ବିନା ଚେଷ୍ଟା କରୁ କରୁ ଶରୀର ଅନୁସାରେ ବଞ୍ଚିବା !

**ଯେତେବେଳେ ଈଶ୍ୱରଙ୍କ ଉପସ୍ଥିତି ଆମ ଉପରେ ଥାଏ, ସେତେବେଳେ ଆମେ ତାଙ୍କ ଗୌରବକୁ ଦେଖିପାରୁ ଓ ବୁଝିପାରୁ ।**

ଯେତେବେଳେ ଇସ୍ରାଏଲ ପ୍ରାନ୍ତରରେ ଥିଲା, ସେତେବେଳେ ଈଶ୍ୱର ମେଘ ମାଧ୍ୟମରେ ତାଙ୍କର ଉପସ୍ଥିତିକୁ ସେମାନଙ୍କ ନିକଟରେ ପ୍ରକାଶ କରିଥିଲେ । ଏହି ମେଘ ନିଜ ଲୋକମାନଙ୍କ ସହିତ ରହିବା ପାଇଁ ଈଶ୍ୱରଙ୍କ ପ୍ରତିଜ୍ଞାର ଏକ ପ୍ରାକୃତିକ ପରିପ୍ରକାଶ ଥିଲା । ଏହ ଅବତରଣ କରି ଦିବାରାତ୍ର ଆବାସ ତମ୍ବୁକୁ ଆଚ୍ଛାଦନ କରିଥିଲା । ପୁଣି ଏହା ପ୍ରତ୍ୟେକ କାର୍ଯ୍ୟ ପାଇଁ ସେମାନଙ୍କର ପଥ ପ୍ରଦର୍ଶକ ଭାବରେ କାର୍ଯ୍ୟ କରିଥିଲା । ମେଘ ଅଗ୍ରସର ହେବା ସମୟରେ, ସେମାନେ ଅଗ୍ରସର ହେଉଥିଲେ ଓ ଏହା ଅଟକିବା ସମୟରେ ସେମାନେ ଅଟକି ଯାଉଥିଲେ । ଲୋକମାନଙ୍କୁ ସେମାନଙ୍କର ଦିଗ କିମ୍ବା ଭବିଷ୍ୟତ୍ ନିର୍ଣ୍ଣୟ କରିବା ପାଇଁ କୌଣସି ସଭାସମିତିର ଆୟୋଜନ କରିବାକୁ ପଡୁ ନ ଥିଲା । ସେମାନେ ଈଶ୍ୱରଙ୍କ ଉପସ୍ଥିତି ରୂପକ ସେହି ଦୃଶ୍ୟ ମେଘରେ ସେମାନଙ୍କର ବିଶ୍ୱାସ ସ୍ଥାପନ କରିଥିଲେ ।

ଆଜି, ତାଙ୍କ ଉପସ୍ଥିତି ରୂପକ ସେହି ମେଘ ଆପଣଙ୍କ ଗୁପ୍ତ ପ୍ରାର୍ଥନା କୋଠରୀ ଉପରେ ଘୁରି ବୁଲୁଛି । ଏହା ପ୍ରତିଦିନ ଏହାର ଶାନ୍ତି ଦ୍ୱାରା ଆପଣଙ୍କୁ ଆଚ୍ଛନ୍ନ କରିବା ପାଇଁ ଅପେକ୍ଷା କରୁଅଛି । ଏହା ଆପଣଙ୍କୁ ଚାଳନା ଦେବ, ଶକ୍ତି ଓ ଶାନ୍ତି ଦେବ । ପୁଣି ଏହା ଆପଣଙ୍କୁ ଆପଣଙ୍କ ଗୃହ, କାର୍ଯ୍ୟ ଓ ସଂପର୍କ ପାଇଁ ସଂପୂର୍ଣ୍ଣ ଚାଳନା ଦେବ ।

ଆପଣଙ୍କ ଗୁପ୍ତ କୋଠରୀ ଯେ କୌଣସି ସ୍ଥାନ ହୋଇପାରେ – ଆପଣଙ୍କ ସ୍ନାନାଗାର ହୋଇପାରେ, କାର୍ଯ୍ୟକୁ ଯିବା ସମୟରେ ବସ୍ ମଧ୍ୟରେ ହୋଇପାରେ, ଆପଣଙ୍କ କାର୍ଯ୍ୟ ସଂପାଦନ କରିବା ସମୟରେ ହୋଇପାରେ । ଆପଣ ଅନ୍ୟ ଯେ କୌଣସି ବିଷୟକୁ ବନ୍ଦ କରି କହିପାରନ୍ତି, ‘‘ପ୍ରଭୋ, ମୋ’ ପାଖରେ ବର୍ତ୍ତମାନ ଅଧଘଣ୍ଟା ସମୟ ଅଛି । ଯୀଶୁ, ମୁଁ ଆପଣଙ୍କୁ ପ୍ରେମ ଓ ଉପାସନା କରେ । ଏହା ଆପଣଙ୍କ ସହିତ ମୋର ଅନ୍ତରଙ୍ଗ ସମୟ ଅଟେ ।’’

ଈଶ୍ୱରଙ୍କ ସହିତ ବନ୍ଦ ହୋଇ, ଏକ ସୁସଂଗତ ପ୍ରାର୍ଥନା ଜୀବନର ବିକାଶ କରିବା ଏକ ସୁନ୍ଦର ବିଷୟ ଅଟେ । ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ଯେ ଆପଣ ଜଣେ ଅନ୍ୱେଷଣକାରୀ, ପ୍ରାର୍ଥନାକାରୀ ଦାସ ହେବା ସମୟରେ, ତାଙ୍କର ଉପସ୍ଥିତି ଆପଣଙ୍କ ଜୀବନରେ ପ୍ରକାଶିତ ହେବ – ସେ ଦ୍ୱାର ବନ୍ଦ କରିବେ ଓ ଖୋଲିବେ ଓ ଆପଣଙ୍କ ଚତୁର୍ଦ୍ଦିଗରେ ତାଙ୍କର ସ୍ୱର୍ଗୀୟ ଶୃଙ୍ଖଳା କାର୍ଯ୍ୟ କରିବ, ଏହାଠାରୁ ଆହୁରି ମହତ୍ତର ବିଷୟ ମଧ୍ୟ ଘଟିବ ? ଈଶ୍ୱରଙ୍କ ଉପସ୍ଥିତି ଆପଣଙ୍କୁ ତାଙ୍କ ଗୌରବର ଏକ ପରିପ୍ରକାଶ ମଧ୍ୟକୁ କଢ଼େଇ ନେବ !

ଈଶ୍ୱରଙ୍କ ଉପସ୍ଥିତି ଓ ତାଙ୍କ ଗୌରବ ମଧ୍ୟରେ ଏକ ପାର୍ଥକ୍ୟ ଅଛି । ଅଧିକାଂଶ ଖ୍ରୀଷ୍ଟିଆନ ସେମାନଙ୍କ ଜୀବନରେ ତାଙ୍କର ଉପସ୍ଥିତି – ତାଙ୍କର ମହତ୍ କାର୍ଯ୍ୟ ଜାଣନ୍ତି – ମାତ୍ର ଅଳ୍ପ ଲୋକ ତାଙ୍କର ଗୌରବ ଜାଣନ୍ତି । ଯାତ୍ରା ପୁସ୍ତକରେ, ଆମକୁ ଏହି ପାର୍ଥକ୍ୟର ଏକ ଆଭାସ ଦିଆଯାଇଛି : ‘‘ଅନନ୍ତର ମେଘ ସେହି ସମାଗମ ତମ୍ବୁ ଆଚ୍ଛାଦନ କଲା ଓ ସଦାପ୍ରଭୁଙ୍କର ପ୍ରତାପ ଆବାସକୁ ପରିପୂର୍ଣ୍ଣ କଲା’’ (ଯାତ୍ରା ୪୦:୩୪) ।

ପ୍ରେରିତ ପାଉଲ ଲେଖିଛନ୍ତି ଯେ ସମସ୍ତ ବିଶ୍ୱାସୀ ମଣ୍ଡଳୀ ଈଶ୍ୱରଙ୍କ ସମାଗମ ତମ୍ବୁ ଅଟନ୍ତି : ‘‘ତୁମ୍ଭେମାନେ କି ଜାଣ ନାହିଁ ଯେ, ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର, ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି ?’’ (୧ କରିନ୍ଥୀୟ ୩:୧୬) । ଯେଉଁ ଇସ୍ରାଏଲୀୟମାନେ ଈଶ୍ୱରଙ୍କ ଉପସ୍ଥିତି ରୂପକ ମେଘ ତଳେ ବାସ କରୁଥିଲେ, ସେମାନଙ୍କ ଭଳି ଆମେ ମଧ୍ୟ ନିରନ୍ତର ଈଶ୍ୱରଙ୍କ ଅନୁଗ୍ରହ ରୂପକ ଆଚ୍ଛାଦନ ତଳେ ବାସ କରୁଅଛୁ । ତଥାପି ଈଶ୍ୱରଙ୍କ ଉପସ୍ଥିତିକୁ ଦେଖିବା ଓ ତାଙ୍କର ଗୌରବକୁ ଦେଖିବା ମଧ୍ୟରେ ପାର୍ଥକ୍ୟ କ’ଣ ?

## ବିଶ୍ୱ ଉଦ୍ଦୀପନା ପାଇଁ ପ୍ରାର୍ଥନା ନିମନ୍ତେ ଆହ୍ୱାନ

## ଆହ୍ୱାନର ପ୍ରତିଧ୍ୱନି ଓ ଅନ୍ୟ ମଣ୍ଡଳୀ ଓ ସଂସ୍ଥାଗୁଡ଼ିକର ସେବାକାର୍ଯ୍ୟର ଉଦ୍ଦୀପନା ପାଇଁ ବିଶ୍ୱବ୍ୟାପୀ ପ୍ରାର୍ଥନାର ଏକ ବିଶେଷ ଦିବସ

ଆହ୍ୱାନର ପ୍ରତିଧ୍ୱନି ଓ ଅନ୍ୟ ମଣ୍ଡଳୀ ଓ ସଂସ୍ଥା ଗୁଡ଼ିକର ସେବାକାର୍ଯ୍ୟ ମଧ୍ୟରେ ଉଦ୍ଦୀପନା ପାଇଁ ପ୍ରାର୍ଥନାର ଏକ ବିଶେଷ ଦିବସ ଭାବରେ ୨୦୨୦ ମଇ ୧ ତାରିଖକୁ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସମୟକୁ ପୃଥକ୍ କରିବା ପାଇଁ, ଉତ୍ସର୍ଗ କରିବା ପାଇଁ ଓ ପାଳନ କରିବା ପାଇଁ ଆମେ ସମଗ୍ର ପୃଥିବୀରେ ଥିବା ଆମର ବନ୍ଧୁମାନଙ୍କୁ ବିନୀତ ଭାବରେ ଅନୁରୋଧ କରୁଅଛୁ । ଭାରତର ଚେନ୍ନାଇସ୍ଥିତ ମୁଖ୍ୟ ଉପାସନାଳୟରେ ଗୋଟିଏ ବିଶେଷ ସଭାର ଆୟୋଜନ କରାଯାଇଛି । ଭାରତରେ ଚେନ୍ନାଇଠାରୁ ଦୂରରେ ଥିବା ଆମର ସମସ୍ତ ବନ୍ଧୁଙ୍କୁ ସେମାନଙ୍କ ନିଜ ନିଜ ସ୍ଥାନରେ, ଠିକ୍ ସେହି ଦିନ ଓ ଠିକ୍ ସେହି ସମୟରେ ଗୋଟିଏ ପ୍ରାର୍ଥନା ସଭା ରଖିବା ପାଇଁ ଆମେ ଅନୁରୋଧ କରୁଅଛୁ । ପରେ, ପ୍ରାର୍ଥନାର ବିଷୟଗୁଡ଼ିକ ପ୍ରେରଣ କରାଯିବ । ଏହା ଭାରତ ଓ ପୃଥିବୀର ଅନ୍ୟ ଦେଶଗୁଡ଼ିକ ପାଇଁ ପ୍ରାର୍ଥନା କରିବାର ଯଥାର୍ଥ ଓ ପ୍ରକୃଷ୍ଟ ସମୟ ଅଟେ ।

ପ୍ରାର୍ଥନା ଏପରି ଶକ୍ତି ଅଟେ ଯାହା ଜଗତକୁ ଗତିଶୀଳ କରୁଥିବା ହସ୍ତକୁ ଗତିଶୀଳ କରାଏ ।

*ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍*
*ଆହ୍ୱାନର ପ୍ରତିଧ୍ୱନି*

**ପ୍ରଭୁ ମୋଶାଙ୍କୁ ତାଙ୍କ ଗୌରବ ସମ୍ବନ୍ଧରେ ଏକ ପରିପ୍ରକାଶ ଦେଇଥିଲେ ।**

ମୋଶା ଈଶ୍ୱରଙ୍କ ଉପସ୍ଥିତିର ଏକ ନିରବଚ୍ଛିନ୍ନ ପରିପ୍ରକାଶ ପାଇଁ ତାଙ୍କର ଅନ୍ୱେଷଣ କରିଥିଲେ । ''... ମୁଁ ଯେପରି ତୁମ୍ଭଙ୍କୁ ଜାଣିପାରେ ...'' (ଯାତ୍ରା ୩୩:୧୩-୧୪) । ପୁଣି ଈଶ୍ୱର ତାଙ୍କୁ ଉତ୍ତର ଦେଇଥିଲେ, ''... ଆମ୍ଭର ଶ୍ରୀମୁଖ ତୁମ୍ଭ ସହିତ ଗମନ କରିବେ, ପୁଣି ଆମ୍ଭେ ତୁମ୍ଭଙ୍କୁ ବିଶ୍ରାମ ଦେବା ।''

ମୋଶାଙ୍କର ଅନୁରୋଧ ଅଧିକାଂଶ ବିଶ୍ୱାସୀଙ୍କ ପାଇଁ ଯଥେଷ୍ଟ ହେବ । ଆମେ ସମସ୍ତେ ଆମକୁ ପଥ ଦେଖାଇବା ପାଇଁ, ଚାଳନା ଦେବା ପାଇଁ, ଶକ୍ତି ଦେବା ପାଇଁ, ଆଶୀର୍ବାଦ କରିବା ପାଇଁ ତାଙ୍କର ଉପସ୍ଥିତି ଚାହୁଁ । ବାସ୍ତବରେ, ଜଣେ ବିଶ୍ୱାସୀ ଏହାଠାରୁ ଆଉ କ'ଣ ଅଧିକ ଇଚ୍ଛା କରିପାରେ ? ମାତ୍ର ଈଶ୍ୱରଙ୍କ ଉପସ୍ଥିତିର ଭରସା ମୋଶାଙ୍କ ପାଇଁ ଯଥେଷ୍ଟ ନ ଥିଲା । ଆହୁରି ଅଧିକ ବିଷୟ ଅଛି ବୋଲି ସେ ଜାଣିଥିଲେ । ପୁଣି ସେ କହିଥିଲେ, ''ବିନୟ କରୁଅଛି, ତୁମ୍ଭେ ମୋତେ ଆପଣା ମହିମା ଦେଖାଅ'' (ଯାତ୍ରା ୩୩:୧୮) ।

ଈଶ୍ୱର ମୋଶାଙ୍କୁ ତାଙ୍କର ଗୌରବ ଦେଖାଇଥିଲେ । ମାତ୍ର ଏହା କୌଣସି ଆଲୋକିତ ମେଘରେ କିମ୍ବା ଭୂମିକମ୍ପରେ ଶକ୍ତିର ପ୍ରଦର୍ଶନ ହୋଇ ନ ଥିଲା । ନା, ଈଶ୍ୱର ନିଜ ସ୍ୱଭାବର ଏକ ସାଧାରଣ ପରିପ୍ରକାଶରେ ତାଙ୍କ ମହିମା ପ୍ରକାଶ କରିଥିଲେ : ''ଆଉ ସଦାପ୍ରଭୁ ତାଙ୍କ ସମ୍ମୁଖ ଦେଇ ଗମନ କରି ଏହା ଘୋଷଣା କଲେ, ସଦାପ୍ରଭୁ, ସଦାପ୍ରଭୁ ପରମେଶ୍ୱର ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର, ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ, ସହସ୍ର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟା ରକ୍ଷାକାରୀ, ଅପରାଧ ଓ ଆଜ୍ଞାଲଙ୍ଘନ ଓ ପାପ କ୍ଷମାକାରୀ ...'' (ଯାତ୍ରା ୩୪:୬-୭) । ଈଶ୍ୱରଙ୍କ ଗୌରବ ତାଙ୍କର ଉତ୍ତମତା, ଦୟା, ପ୍ରେମ ଓ କରୁଣାର ଏକ ପରିପ୍ରକାଶ ଥିଲା ।

ମୁଁ ଶୁଣିଛି, ଅନେକ ଖ୍ରୀଷ୍ଟିଆନ କହନ୍ତି, ''ଓଃ, ଗତ ରାତ୍ରିରେ କିପରି ଈଶ୍ୱରଙ୍କ ଗୌରବ ଆମ ମଣ୍ଡଳୀ ଉପରେ ଅବତରଣ କରିଥିଲା ! ଅବିଶ୍ୱସନୀୟ ଭାବରେ ଈଶ୍ୱରଙ୍କର ପ୍ରଶଂସା କରାଯାଇଥିଲା ଓ ଲୋକମାନେ ଆତ୍ମାଙ୍କ ଦ୍ୱାରା ମୂର୍ଚ୍ଛିତ ହୋଇଥିଲେ ।'' ମାତ୍ର ତାହା ଈଶ୍ୱରଙ୍କ ଗୌରବର ଏକ ପରିପ୍ରକାଶର ପ୍ରମାଣ ନୁହେଁ । ମାନବିକ ଆବେଗର ଊର୍ଦ୍ଧ୍ୱରେ ଥିବା ଈଶ୍ୱରଙ୍କ ସହିତ ଏହାର କୌଣସି ସଂପର୍କ ନାହିଁ । ଏହା ମଧ୍ୟରେ, 'ସେ କିଏ' ଏହାର କୌଣସି ପରିପ୍ରକାଶ ଅନ୍ତର୍ଭୁକ୍ତ ନ ଥାଏ । କେତେ ଜଣ ତର୍କ କରିପାରନ୍ତି, ''ମାତ୍ର ଯୀଶୁ ଯେଉଁ ପର୍ବତରେ ରୂପାନ୍ତର ହୋଇଥିଲେ, ସେଠାରେ ଶିଷ୍ୟମାନଙ୍କ ଅନୁଭୂତି ବିଷୟରେ କ'ଣ କୁହାଯିବ ? ତାହା ଈଶ୍ୱରଙ୍କ ଗୌରବର ପରିପ୍ରକାଶ ନ ଥିଲା କି ? ସେଠାରେ ଅତି ଉଜ୍ଜ୍ୱଳ ଆଲୋକ ଓ ମୋଶା ଓ ଏଲୀୟଙ୍କର ଅଲୌକିକ ଆବିର୍ଭାବ ଥିଲା ।''

ମାତ୍ର ଈଶ୍ୱରଙ୍କ ଗୌରବ ମୋଶା କିମ୍ବା ଏଲୀୟଙ୍କଠାରେ କିମ୍ବା ସେହି ଉଜ୍ଜ୍ୱଳ ଆଲୋକରେ ନ ଥିଲା, ବରଂ, ତାଙ୍କ ଗୌରବ ଯୀଶୁଙ୍କଠାରେ ଥିଲା : ''...ତାହାଙ୍କର ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ଓ ତାହାଙ୍କ ବସ୍ତ୍ର ଆଲୋକ ପରି ଶୁକ୍ଳବର୍ଣ୍ଣ ହେଲା । ... ଆଉ ଦେଖ, ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ । ଏହାଙ୍କ ବାକ୍ୟ ଶ୍ରବଣ କର'' (ମାଥିଉ ୧୭:୨-୫) ।

ଈଶ୍ୱର କହୁଥିଲେ, ''ଏଠାରେ ଆମ୍ଭର ଗୌରବ ଖ୍ରୀଷ୍ଟଙ୍କଠାରେ ଦେହବନ୍ତ ହୋଇଅଛି ।'' ବାସ୍ତବରେ, ଈଶ୍ୱର ମୋଶାଙ୍କୁ ଯାହାସବୁ କହିଥିଲେ, ସେହି ସବୁର ଯୀଶୁ ସଫଳତା ଅଟନ୍ତି, ଯଥା, ଦୟାଳୁ, ଅନୁଗ୍ରହଶୀଳ, ଦୀର୍ଘସହିଷ୍ଣୁ, ପ୍ରେମ ଓ ସତ୍ୟରେ ପରିପୂର୍ଣ୍ଣ, ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ଓ ଅଧର୍ମ ଓ ପାପର କ୍ଷମାକାରୀ । ପୁଣି ବର୍ତ୍ତମାନ ପ୍ରଭୁ କହୁଥିଲେ, ''ଏଠାରେ ଆମ୍ଭ ଗୌରବର ଏକ ଜୀବନ୍ତ ଚିତ୍ର ଅଛି । ଏଗୁଡ଼ିକ ସବୁ ଆମ୍ଭ ପୁତ୍ରଙ୍କଠାରେ ଦେହବନ୍ତ ହୋଇଅଛି ।''

ମୁଁ କେତେକ ଖ୍ରୀଷ୍ଟିଆନଙ୍କୁ ଏହା କହିବାର ଶୁଣିଛି, ''ଯଦି ପ୍ରଭୁ ମୋତେ ନର୍କର ଭୟାବହତା ସମ୍ବନ୍ଧରେ ଏକ ଦର୍ଶନ ଦେବେ, ତେବେ ମୁଁ ତାଙ୍କୁ ଆଦୌ ପରିତ୍ୟାଗ କରିବି ନାହିଁ । ମୁଁ ପ୍ରତିଦିନ ଯୀଶୁଙ୍କ ପାଇଁ ବଞ୍ଚିବି ।'' ନା - ସେହି ପ୍ରକାର ଦର୍ଶନ କାହାରିକୁ ଆଦୌ ଧରି ରଖେ ନାହିଁ । କେବଳ ଯୀଶୁ କିଏ, ସେ ସମ୍ବନ୍ଧୀୟ - ତାଙ୍କ ଗୌରବ, ଅନୁଗ୍ରହ ଓ ଦୟା ସମ୍ବନ୍ଧୀୟ ଦର୍ଶନ ଆମକୁ ପବିତ୍ର ରଖିବ । ଏହାପରେ ସେମାନେ ନିଜର ଜୀବନକୁ ଖ୍ରୀଷ୍ଟଙ୍କ ପ୍ରତି ସମର୍ପଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ମାତ୍ର କିଛି ସପ୍ତାହ ମଧ୍ୟରେ ସେହି ଦର୍ଶନ ମୃତ୍ୟୁବରଣ କରିଥିଲା ଓ ସେମାନେ ନିଜ ନିଜର ପାପପୂର୍ଣ୍ଣ ଜୀବନ ପ୍ରତି ଫେରି ଯାଇଥିଲେ ।

ଈଶ୍ୱର ''ସାଧୁମାନଙ୍କଠାରେ ତାଙ୍କ ଅଧିକାରର ଗୌରବର ନିଧି'' ପ୍ରତି ଆମର ଚକ୍ଷୁ ଉନ୍ମୁକ୍ତ କରିବା ପାଇଁ ଇଚ୍ଛା କରନ୍ତି (ଏଫିସୀୟ ୧:୧୮) । ସେ କହୁଛନ୍ତି, ''ଆମ୍ଭେ ମୋଶାଙ୍କ ନିକଟରେ ଯେଉଁ ସବୁ ମହିମା ପ୍ରକାଶ କରିଥିଲୁ, ସେ ସବୁ ଆମ୍ଭ ପୁତ୍ରଙ୍କଠାରେ ଦେହବନ୍ତ ହୋଇଅଛି । ପୁଣି ବର୍ତ୍ତମାନ ଆମ୍ଭେ ତାଙ୍କୁ ତୁମ୍ଭମାନଙ୍କର ଅଧିକାର ଭାବରେ ତୁମ୍ଭମାନଙ୍କୁ ପ୍ରଦାନ କରିଅଛୁ । ତାଙ୍କୁ ତାଙ୍କର ସମସ୍ତ ଗୌରବରେ ଜାଣିବା ତୁମ୍ଭମାନଙ୍କର ଏକ ଅଧିକାର ଅଟେ ।'' ଖ୍ରୀଷ୍ଟଙ୍କଠାରେ ସଂପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରନ୍ତି'' (କଲସୀୟ ୨:୯) ।

ମୋଶା କାହିଁକି ଏତେ ବ୍ୟାକୁଳ ଭାବରେ ଈଶ୍ୱରଙ୍କ ମହିମାର ଏକ ଦର୍ଶନ ଅନ୍ୱେଷଣ କରିଥିଲେ ? ମୁଁ ଭାବୁଛି, ଏହି ପଦରେ ତା'ର କାରଣ ରହିଛି : ''ଆଉ ସେ ସ୍ଥାନରେ ଆମ୍ଭେ ଇସ୍ରାଏଲ ସନ୍ତାନଗଣ ସହିତ ସାକ୍ଷାତ୍ କରିବା, ପୁଣି ଆମ୍ଭ ପ୍ରତାପରେ ତମ୍ବୁ ପବିତ୍ରୀକୃତ ହେବ (ଯାତ୍ରା ୨୯:୪୩) । ଏଠାରେ ''ପବିତ୍ରୀକୃତ'' ଶବ୍ଦର ଅର୍ଥ ''ଶୁଚି କରାଯିବା'' । ଅନ୍ୟ ଭାଷାରେ, ଈଶ୍ୱର କହୁଥିଲେ, ''ମୋଶା, ତୁମ୍ଭେ ଓ ଲୋକମାନେ ଆମ୍ଭର ଉପାସନା କରିବା ସମୟରେ ଆମ୍ଭେ ତୁମ୍ଭଙ୍କୁ ସାକ୍ଷାତ୍ କରିବା ଓ ତୁମ୍ଭଙ୍କୁ ଆମ୍ଭର ଉପସ୍ଥିତି ପ୍ରଦାନ କରିବା । ପୁଣି ଆମ୍ଭେ ତୁମ୍ଭ ନିକଟରେ ଆମ୍ଭର ମହିମା ପ୍ରକାଶ କରିବା ସମୟରେ, ଏହା ତୁମ୍ଭଙ୍କୁ ପରିଷ୍କୃତ (ଶୁଚି) କରିବ ।''

ଏହା ସମସ୍ତ ଧର୍ମଶାସ୍ତ୍ରର ଗୋଟିଏ ସର୍ବାଧିକ ଶକ୍ତିପୂର୍ଣ୍ଣ ପଦ ଅଟେ । ଏହା ଏକ କ୍ଷତିକାରକ ପାପ ସହିତ ସଂଘର୍ଷ କରି ମୁକ୍ତ ଓ ଶୁଚି ହେବା ପାଇଁ ବ୍ୟାକୁଳ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭରସା ପ୍ରଦାନ କରେ । ଈଶ୍ୱର ପ୍ରତିଜ୍ଞା କରିଛନ୍ତି, ''ତୁମ୍ଭମାନଙ୍କର ମନ୍ଦିରକୁ ଆମ୍ଭର ମହିମାର ଏକ ପରିପ୍ରକାଶ ଦ୍ୱାରା ଶୁଚି କରାଯିବ । ପୁଣି ସେହି ପରିପ୍ରକାଶ ବର୍ତ୍ତମାନ ଆମ୍ଭର ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କ ପ୍ରତି ଉପଲବ୍ଧ ଅଟେ ।''

ଆମେ ଖ୍ରୀଷ୍ଟଙ୍କର ଏହିପରି ପ୍ରକାଶ କେଉଁଠାରେ ପାଇବା ? ଆମେ କେବଳ ଧର୍ମଶାସ୍ତ୍ର ନିକଟକୁ ଆସିବା ସମୟରେ ଏହା ପାଇଥାଉ । ପାଉଲ କହିଛନ୍ତି ଯେ ଯେତେବେଳେ ଆମେ ଆମଠାରେ ଯୀଶୁଙ୍କର କ୍ରମବର୍ଦ୍ଧିଷ୍ଣୁ ପରିପ୍ରକାଶ ପ୍ରତିଫଳିତ କରିବା ପାଇଁ ଈଶ୍ୱରଙ୍କ ବାକ୍ୟକୁ ଅନୁମତି ଦେବା, ସେତେବେଳେ ଆମେ ଗୌରବରୁ ଅଧିକ ଗୌରବକୁ ପରିବର୍ତ୍ତିତ ହେବା : ''କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ, ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି'' (୨ କରିନ୍ଥୀୟ ୩:୧୮) ।

*(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)*

## ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ନିହିମିୟା ବାଇବଲ କଲେଜର ପୁରାତନ ଛାତ୍ରମାନଙ୍କର ସମ୍ମିଳନୀ

**ସ୍ଥାନ :** ନିହିମିୟା ବାଇବଲ କଲେଜ (10, Mohammed Abdullah 2nd Street, Bells Road, Chepauk, Chennai - 600 005)

**ସମୟ : ୨୦୨୦ ମାର୍ଚ୍ଚ ୧୬, ସନ୍ଧ୍ୟା ୫ ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ**

ଆମେ ଆମ ଆହ୍ୱାନର ପ୍ରତିଧ୍ୱନି, ନିହିମିୟା ବାଇବଲ କଲେଜ, ବାଇବଲକୋର, ଥିଓଲୋଜିକାଲ୍ କରେସ୍ପଣ୍ଡେସ୍ ପାଠ୍ୟକ୍ରମର ସମସ୍ତ ପୁରାତନ ଛାତ୍ରମାନଙ୍କୁ ନିମନ୍ତ୍ରଣ ଜଣାଉଅଛୁ ।

**ରେଭ୍. ଡଃ. ଇବେ ରେନର୍ ଷ୍ଟ୍ରସ୍**
*ଅଧ୍ୟକ୍ଷ*

**ପାଳକ ଏସ୍ ସାମ୍ ସେଲ୍ଭାରାଜ୍**
*ସଭାପତି*

**ପାଳକ ଆଲେକ୍ସ ସାମ୍ସନ୍ ସାମ୍**
*ନିର୍ଦ୍ଦେଶକ*

## ନିହିମିୟା ବାଇବଲ କଲେଜ ଉପାଧି ପ୍ରଦାନ ଉପାସନା

୨୦୨୦ ଜୁନ୍ ୧୩ ତାରିଖ, ଶନିବାର ଅପରାହ୍ନ ୪ଟା ସମୟରେ Balar Kalvi Nilayam, Anita Matriculation School, Ridherdon Road, Purasawakkam, Chennai - 600 007 ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉପାସନା ପାଇଁ ଦୟାକରି ପ୍ରାର୍ଥନା କରନ୍ତୁ ।



# ଗର୍ତ୍ତରୁ ରାଜପ୍ରାସାଦ
## (PIT TO PALACE)
### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**"... ମୁଁ ଦରିଦ୍ର ଓ ଦୀନହୀନ, ତଥାପି ପ୍ରଭୁ ମୋ' ବିଷୟ ଚିନ୍ତା କରନ୍ତି" (ଗୀତସଂହିତା ୪୦:୧୭) ।**

ପ୍ରାୟ ୬ ବର୍ଷ ପୂର୍ବେ, ଚେନ୍ନାଇରେ ଗୋଟିଏ ବଡ଼ ଉଦ୍ଦୀପନା ସଭା ଅନୁଷ୍ଠିତ ହୋଇଥିଲା । କେତେକ ବିଖ୍ୟାତ ପ୍ରଚାରକ ଦକ୍ଷିଣ ଆଫ୍ରିକାରୁ ଆସିଥିଲେ । ଈଶ୍ୱର ସେମାନଙ୍କ ମାଧ୍ୟମରେ ମହା ଆଶ୍ଚର୍ଯ୍ୟକର୍ମ କରିଥିଲେ । ବହୁ ସଂଖ୍ୟକ ଲୋକ ଆଶ୍ଚର୍ଯ୍ୟକର୍ମ ଦେଖିଥିଲେ ଓ ସେମାନଙ୍କ ଜୀବନରେ ପ୍ରଥମ ଥର ପାଇଁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ଶୁଣିଥିଲେ । ମୁଁ ଜଣେ ସ୍ୱେଚ୍ଛାସେବୀ ଭାବରେ ସେମାନଙ୍କୁ ସାହାଯ୍ୟ କରୁଥିଲି ।

ଶେଷ ସଭା ସମାପ୍ତ ହେବା ପରେ, ଅତିଥି ଓ ସଭା ପରିଚାଳନାରେ ସାହାଯ୍ୟ କରିଥିବା କର୍ମୀମାନଙ୍କର ଏକ ଛୋଟ ସମାବେଶ ଅନୁଷ୍ଠିତ ହୋଇଥିଲା । ହଠାତ୍, ଦକ୍ଷିଣ ଆଫ୍ରିକାର ମୁଖ୍ୟ ଅତିଥି ମୋତେ ଡାକି ମୋ' ବିଷୟରେ ପଚାରିଲେ ଓ ବ୍ୟାନର ଲଗାଇବାରେ, ନୂତନ ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇବାରେ ଓ ଉଦ୍ଦୀପନା ସଭା ସମୟରେ ଅଂଶଗ୍ରହଣକାରୀମାନଙ୍କୁ ସାହାଯ୍ୟ କରିବାରେ ମୁଁ ଯେଉଁ ବିଶ୍ୱସ୍ତ ଓ କଠିନ ପରିଶ୍ରମ କରିଥିଲି, ତାହାକୁ ପ୍ରଶଂସା କରିଥିଲେ ।

ମୁଁ କେଉଁଠାରୁ ଆସିଛି ବୋଲି ମଧ୍ୟ ସେ ପ୍ରଶ୍ନ କଲେ ଓ ପରଦିନ ସକାଳ ୪ଟାରେ, ତାଙ୍କର ଭାରତରୁ ବିଦାୟ ନେବା ସମୟରେ ମୁଁ ତାଙ୍କୁ ବିମାନ ବନ୍ଦରରେ ଭେଟି ପାରିବି କି ବୋଲି ଅନୁରୋଧ କଲେ । ମୁଁ ତାଙ୍କୁ କହିଥିଲି ଯେ ମୋ' ପାଇଁ ତାହା ଅତି ପ୍ରତ୍ୟୁଷର ସମୟ ଅଟେ କାରଣ ମୋ' ପାଖରେ କେବଳ ଗୋଟିଏ ପୁରାତନ ସାଇକଲ୍ ଅଛି ଓ ତାହା ମଧ୍ୟ ମୋ' ଗୃହଠାରୁ ବିମାନ ବନ୍ଦରକୁ ପ୍ରାୟ ୨୫ କି.ମି.ରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ଯାତ୍ରା କରିବା ଭଳି ଭଲ ସ୍ଥିତିରେ ନାହିଁ ।

ସଙ୍ଗେ ସଙ୍ଗେ, ସେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି ସେହି ସହରର ଜଣେ ବିଶିଷ୍ଟ ପ୍ରଚାରକଙ୍କୁ ଦେଖିଲେ ଓ ତାଙ୍କୁ ତାଙ୍କ ନାମ ଧରି ଡାକି କହିଲେ, "ଏ ହେଉଛନ୍ତି, ଭାଇ ସାମ୍ ସେଲ୍ଭାରାଜ୍ । ସେ ସ୍ୱେଚ୍ଛାରେ ଅତି ଭଲ କାର୍ଯ୍ୟ କରୁଥିବାର ମୁଁ ଦେଖିଛି ଓ ତାଙ୍କଠାରେ କିଛି ବିଶେଷତା ଥିବାର ମୁଁ ଲକ୍ଷ୍ୟ କରିପାରୁଛି । ମୁଁ ଭାରତ ଛାଡ଼ିବା ପୂର୍ବରୁ ବିମାନ ବନ୍ଦରରେ ତାଙ୍କ ସହିତ କିଛି ସମୟ କାଟିବାକୁ ଚାହୁଁଅଛି । ସେ ଅତି ଦରିଦ୍ର ଅଟନ୍ତି ଓ ଆସନ୍ତା କାଲି ପ୍ରତ୍ୟୁଷରେ ତାଙ୍କ ଗୃହରୁ ବିମାନ ବନ୍ଦର ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ତାଙ୍କ ପାଖରେ କିଛି ସୁବିଧା ନାହିଁ । ଆପଣ ମୋତେ ବିମାନ ବନ୍ଦରକୁ ବିଦାୟ ଦେବା ପାଇଁ ଆସୁଥିବାରୁ ତାଙ୍କୁ ଯଦି ଆପଣଙ୍କ ଗାଡ଼ିରେ ଆପଣଙ୍କ ସହିତ ଆଣିପାରିବେ, ତେବେ ମୁଁ ଖୁସି ହେବି ।" ମାତ୍ର ଏହି ପ୍ରଚାରକ ଭାଇ ମୋ' ପ୍ରତି ବିରକ୍ତ ହେଲେ ଓ ମୁଖ୍ୟ ଅତିଥିଙ୍କୁ କହିଲେ, "ଏହି ବ୍ୟକ୍ତିଙ୍କୁ ନେବା ପାଇଁ ମୋ' କାର୍‌ରେ ଜାଗା ହେବ ନାହିଁ । ବରଂ, ସେ ବିମାନ ବନ୍ଦରକୁ ନ ଆସନ୍ତୁ ।" ମୁଖ୍ୟ ଅତିଥି ତାଙ୍କୁ ପଚାରିଲେ, "ଆପଣଙ୍କ ସହିତ ଅନ୍ୟ କେହି ଆସିବେ କି ?" ସେ ଉତ୍ତର ଦେଲେ, "କେହି ଆସିବେ ନାହିଁ । ମାତ୍ର ମୁଁ ଏହି ଦରିଦ୍ର ବ୍ୟକ୍ତିକୁ ସାହାଯ୍ୟ କରିପାରିବି ନାହିଁ ।"

ମୁଖ୍ୟ ଅତିଥି ହୋଇଥିବା ଈଶ୍ୱରଙ୍କର ସେହି ଦାସ ଏହି କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ... ସେ ମୋତେ ଡାକି ମୋ' ମସ୍ତକ ଉପରେ ହସ୍ତ ରଖିଲେ ଓ ମୋତେ ମଧ୍ୟ ଈଶ୍ୱର ଯେପରି ଭୌତିକ ଦ୍ରବ୍ୟରେ ଆଶୀର୍ବାଦ କରିବେ, ଏଥିପାଇଁ ଅଶ୍ରୁର ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ସେ ମୋତେ ଆହୁରି କହିଲେ, "ଭାଇ ସାମ୍, ଆଜି ମୁଁ ଯେଉଁ ଈଶ୍ୱରଙ୍କର ସେବା କରୁଅଛି, ସେହି ମହାନ୍ ଈଶ୍ୱରଙ୍କର ଯେ ଆପଣ ମଧ୍ୟ ଜଣେ ଅତି ନମ୍ର ସେବକ ଅଟନ୍ତି, ତାହା ମୁଁ ଜାଣେ । ମୁଁ ଆପଣଙ୍କ ଉପରେ ଓ ଆପଣଙ୍କ ସେବାକାର୍ଯ୍ୟ ଉପରେ ସମୃଦ୍ଧିର ଆଜ୍ଞା ଦେଉଅଛି । ଯେଉଁ ଈଶ୍ୱରଙ୍କର ମୁଁ ସେବା କରୁଅଛି, ସେ ବର୍ତ୍ତମାନ ସ୍ୱର୍ଗର ଝର୍କା ଉନ୍ମୁକ୍ତ କରି ଆପଣଙ୍କୁ ଭାରତରେ ଆପଣଙ୍କ ସେବାକାର୍ଯ୍ୟ ପାଇଁ କାର୍, ବସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଦ୍ୱାରା ଆଶୀର୍ବାଦ କରନ୍ତୁ । ଆସନ୍ତା କାଲି ସକାଳେ, ଯେଉଁ ଭାଇ ବିମାନ ବନ୍ଦର ପର୍ଯ୍ୟନ୍ତ ଆପଣଙ୍କୁ ଆଣିବା ପାଇଁ ଇଚ୍ଛା କଲେ ନାହିଁ, ତାଙ୍କୁ ଆପଣ ଘୃଣା କରିବା ଉଚିତ୍ ନୁହେଁ ।"

ଏହି ଅନୁଭୂତି ମୋତେ ଯନ୍ତ୍ରଣା ଦେଇ ନ ଥିଲା । ମାତ୍ର ଈଶ୍ୱର ତାଙ୍କ ଦାସଙ୍କ ମାଧ୍ୟମରେ କହିଥିବା ମଙ୍ଗଳଜନକ ବାକ୍ୟ ପାଇଁ ତାଙ୍କ ନିକଟରେ କୃତଜ୍ଞ ଥିଲି । ଅନେକ ଦିନ ବିତିଯାଇଛି । ମାତ୍ର ଈଶ୍ୱର ତାଙ୍କ ମନ ମଧ୍ୟରେ ମୋତେ ରଖିବାରେ ଅତି ବିଶ୍ୱସ୍ତ ଥିଲେ । ପରେ ଈଶ୍ୱର ତାଙ୍କ ସେବାକାର୍ଯ୍ୟ ପାଇଁ ସମସ୍ତ ଆବଶ୍ୟକୀୟ ଉପକରଣ ଓ ଯାନବାହନ ଯୋଗାଇ ଆଶୀର୍ବାଦ କରିଥିଲେ । ସେ ମୋତେ ଓ ମୋର ସହକର୍ମୀମାନଙ୍କୁ ଆମର ନିଜସ୍ୱ ଗାଡ଼ି ବ୍ୟବହାର କରି ଅନେକ ଥର ସେହି ସମାନ ବିମାନ ବନ୍ଦରକୁ ଯାତ୍ରା କରିବା ପାଇଁ ସାମର୍ଥ୍ୟ ଦେଇଛନ୍ତି । ଆମର ଈଶ୍ୱର କେତେ ଆଶ୍ଚର୍ଯ୍ୟଜନକ ଅଟନ୍ତି ! ସେହି ଈଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି । ସେ ଆଜି, କାଲି ଓ ଚିରଦିନ ପାଇଁ ସମାନ ଅଟନ୍ତି ।

ମୋର ପ୍ରିୟ ପାଠକ, ଅନ୍ୟମାନେ ଆପଣଙ୍କ ମସ୍ତକ ଉପରେ ଥିବା ଅଭିଷେକକୁ ଚିହ୍ନି ନ ଥିବାରୁ ଆପଣ ଅସ୍ୱସ୍ତି ଅନୁଭବ କରୁଛନ୍ତି କି ? ଆପଣଙ୍କର ବର୍ତ୍ତମାନ ଦୀନହୀନ ସ୍ଥିତି ଯୋଗୁ ଆପଣ ନିରୁତ୍ସାହିତ ଅଟନ୍ତି କି ? ଆପଣଙ୍କ ନିଜ ଲୋକମାନେ ଆପଣଙ୍କୁ ନ୍ୟୁନ ମନେ କରନ୍ତି କି ? ଈଶ୍ୱର କହିଛନ୍ତି, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ ... ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ିଯିବି ନାହିଁ, ମୁଁ ତୁମ୍ଭମାନଙ୍କ ନିକଟକୁ ଆସୁଅଛି" (ଯୋହନ ୧୪:୧,୧୮) । ଈଶ୍ୱରଙ୍କ ଇଚ୍ଛାର କେନ୍ଦ୍ରରେ ରହି ଜୀବନ କାଟନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ବିଜ୍ଞାପନ ଦର**

| ଆକାର | ପ୍ରତ୍ୟେକ ଭାଷାରେ | ୧୬ଟି ଭାଷାରେ |
|---|---|---|
| ୧/୪ ପୃଷ୍ଠା | ଟ.୨,୦୦୦ | ଟ. ୩୦,୦୦୦ |
| ଅଧାପୃଷ୍ଠା | ଟ.୩,୫୦୦ | ଟ. ୫୦,୦୦୦ |
| ପୁରା ପୃଷ୍ଠା | ଟ. ୫,୦୦୦ | ଟ, ୭୦,୦୦୦ |

**Statement about ownership and other particulars about the Newspaper Echo of His Call (Odia) - Form IV**
**(See Rule 8)**

1. Place of Publication : 10, Mohammed Abdullah 2nd Street, Chepauk, Chennai - 600 005.
2. Periodicity : Monthly
3. Printer, Editor, Owner & Publisher : **S. Sam Selva Raj** (Same Address)
4. Nationality : Indian

I, **S. Sam Selva Raj**, hereby declare that the particulars given above are true to the best of my knowledge and belief.

**March 2020** **S. Sam Selva Raj.**

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

## ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡ଼ାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ - ଟ. ୧୦୦/-,**

**ଆଜୀବନ ସଭ୍ୟଚାନ୍ଦା = ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାଯତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ ( D.D, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନ ଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ-ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street,
Chepauk, Chennai - 600 005, India
Phone : ( +91-44) 2852 8282 / 2852 9293
Mob - 9841071852, 95661 31858
E-Mail : sam@echoofhiscall.org/
biblecor@yahoo.co.in
Website: www.echoofhiscall.org

ଈଶ୍ୱରଙ୍କ ଗୌରବର ଏହି ପରିପ୍ରକାଶ ଆମ ଜୀବନ ପାଇଁ ରକ୍ଷାକାରୀ ଶକ୍ତି ଯୋଗାଇବ : ''... ସମୁଦାୟ ପ୍ରତାପ ଉପରେ ଚନ୍ଦ୍ରାତପ ବିସ୍ତୃତ ହେବ'' (ଯିଶାଇୟ ୪:୫) । ଅନ୍ୟ ଭାଷାରେ, ଈଶ୍ୱରଙ୍କ ଗୌରବ ଆମକୁ ଆମର ଅତି ମନ୍ଦ ସମୟରେ ଶୁଚି ରଖିବ । ଶୟତାନ ଆମ ନିକଟରେ ମିଥ୍ୟା କହିପାରେ, ''ତୁମେ ପରାସ୍ତ ହୋଇଛ ! ତୁମେ ଗୋଟିଏ ଠକ, ମିଥ୍ୟାବାଦୀ, ବ୍ୟଭିଚାରୀ ଅଟ ।'' ମାତ୍ର ଆମେ ଉତ୍ତର ଦେଇପାରିବା, ''ନା, ଶୟତାନ, ମୋର ଜଣେ ମହାଯାଜକ ଅଛନ୍ତି – ପୁଣି ମୁଁ ତାହାଙ୍କ ଗୌରବକୁ ଦର୍ଶନ କରି ଶୁଚିକୃତ ହୋଇଅଛି ।'' ଯେତେବେଳେ ଈଶ୍ୱର ମୋଶାଙ୍କ ନିକଟରେ ତାଙ୍କ ସ୍ୱଭାବର ଏହି ସମସ୍ତ ବିଷୟ ପ୍ରକାଶ କରିଥିଲେ, ସେତେବେଳେ ସେ ତାଙ୍କୁ ଏହି ସଂପୂର୍ଣ୍ଣ ପରିପ୍ରକାଶ ମଧ୍ୟ ପ୍ରଦାନ କରିଥିଲେ ଯେ ସେ ''ଅପରାଧର ଦଣ୍ଡଦାତା ମଧ୍ୟ ଅଟନ୍ତି'' (ଯାତ୍ରା ୩୪:୭) । ରାଜା ଆସାଙ୍କର ଅତି ଉନ୍ନତ ସମୟରେ ଅସରୀୟ ତାଙ୍କ ନିକଟରେ ଭାବବାଣୀ ପ୍ରକାଶ କରି କହିଥିଲେ, ''ଯଦି ତୁମ୍ଭେ ଈଶ୍ୱରଙ୍କ ଗୌରବକୁ ତୁଚ୍ଛ କରିବ ... ଯଦି ତୁମ୍ଭେ ତୁମ୍ଭର ପାପ ପ୍ରତି ଯତ୍ନଶୀଳ ନ ହୋଇ ପ୍ରଭୁଙ୍କୁ ଅବହେଳା କରିବ, ... ତେବେ ସେ ତୁମ୍ଭକୁ ଶୁଚି କରିବେ ନାହିଁ ।'' ''... ତୁମ୍ଭେମାନେ ସଦାପ୍ରଭୁଙ୍କ ସଙ୍ଗେ ଥିବାଯାଏ ସେ ତୁମ୍ଭମାନଙ୍କ ସଙ୍ଗେ ଅଛନ୍ତି । ଯେବେ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କରିବ, ତେବେ ତୁମ୍ଭେମାନେ ତାହାଙ୍କର ଉଦ୍ଦେଶ୍ୟ ପାଇବ, ମାତ୍ର ଯେବେ ତୁମ୍ଭେମାନେ ତାହାଙ୍କୁ ପରିତ୍ୟାଗ କରିବ, ତେବେ ସେ ତୁମ୍ଭମାନଙ୍କୁ ପରିତ୍ୟାଗ କରିବେ'' (୨ ବଂଶାବଳୀ ୧୫:୨) ।

ଈଶ୍ୱର ଯାହା କହୁଛନ୍ତି, ତାହା ଅତି ସରଳ ଅଟେ । ''ଆମ୍ଭର ପୁତ୍ରଙ୍କୁ ଜାଣିବା ପାଇଁ ସମୟ ନିଅ । ଆମ୍ଭର ବାକ୍ୟ ଅନୁସନ୍ଧାନ କର ଓ ତୁମର ଗୁପ୍ତ ପ୍ରାର୍ଥନା କୋଠରୀରେ ଆମ୍ଭକୁ ଅନ୍ୱେଷଣ କର । ଏହାପରେ, ତୁମେ ଆମ୍ଭର ଉପସ୍ଥିତିରେ ରହିବା ସମୟରେ ତୁମ୍ଭର ଚକ୍ଷୁ ଆମ୍ଭର ଗୌରବ ପ୍ରତି ଉନ୍ମୁକ୍ତ ହେବା ଆରମ୍ଭ କରିବ । ଏହିସବୁ ଖ୍ରୀଷ୍ଟଙ୍କଠାରେ ପ୍ରକାଶିତ ହୋଇଛି । ସେ ଆମ୍ଭର ପ୍ରେମ, ଅନୁଗ୍ରହ, ଦୟା ଓ କରୁଣାର ପୂର୍ଣ୍ଣ ପରିପ୍ରକାଶ ଅଟନ୍ତି ।'' ''ତୁମ୍ଭେମାନେ ନିରନ୍ତର ଏହି ପ୍ରକାଶ ଉପରେ ଚିନ୍ତା କରୁଥିବା ସମୟରେ, ଏହା ତୁମ୍ଭମାନଙ୍କୁ ଶୁଚି ଓ ପବିତ୍ର କରିବ କାରଣ ତୁମ୍ଭେମାନେ ଅଧିକରୁ ଅଧିକ ଯୀଶୁଙ୍କ ସଦୃଶ ହେବ । ସେ ତୁମ୍ଭମାନଙ୍କ ପ୍ରତି କିପରି ପ୍ରେମମୟ ଓ ଦୟାଳୁ ଅଟନ୍ତି, ଏହା ଦେଖିବା ସମୟରେ ତୁମ୍ଭେମାନେ ମଧ ଅନ୍ୟମାନଙ୍କ ପ୍ରତି ଅଧିକ ପ୍ରେମମୟ ଓ ଦୟାଳୁ ହେବ । ପୁଣି ତାହା ତୁମ୍ଭମାନଙ୍କଠାରେ ପ୍ରକାଶିତ ଆମ୍ଭର ଗୌରବ ହେବ ।''

ପ୍ରିୟ ପାଠକ, ଗୋଟିଏ ଚିହ୍ନ ଅନ୍ୱେଷଣ କରିବା ବନ୍ଦ କରନ୍ତୁ । ଆପଣଙ୍କର ମଣ୍ଡଳୀ ଗୃହକୁ କମ୍ପାଇବା ପାଇଁ କୌଣସି ଶକ୍ତିକୁ ଆଶା କରନ୍ତୁ ନାହିଁ, କିମ୍ବା ଆପଣଙ୍କ ଉପରେ ହସ୍ତ ରଖି ଆପଣଙ୍କର ସମସ୍ତ ସମସ୍ୟା ସମାଧାନ ପାଇଁ କୌଣସି ପ୍ରଚାରକଙ୍କଠାରୁ ଆଶା କରନ୍ତୁ ନାହିଁ । କେବଳ ସଦାପ୍ରଭୁଙ୍କର ଅନ୍ୱେଷଣ କରନ୍ତୁ । ତାଙ୍କର ବାକ୍ୟ ସ୍ପଷ୍ଟ ଭାବରେ କହିଛି – ଆପଣ ତାଙ୍କର ନିରବଚ୍ଛିନ୍ନ ଉପସ୍ଥିତି ଉପଭୋଗ କରିବେ କିମ୍ବା ଲଘୁଜ୍ଞାନ କରାଯିବେ : ''କାରଣ ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ୍ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେ ତେଣେ ଦୌଡ଼ଇ ...'' (୨ ବଂଶାବଳୀ ୧୬:୯) । ସର୍ବାନ୍ତଃକରଣରେ ତାହାଙ୍କର ଅନ୍ୱେଷଣ କରନ୍ତୁ ଓ ଆପଣଙ୍କର ଦୈନନ୍ଦିନ ଜୀବନରେ ତାଙ୍କର ଉପସ୍ଥିତି ବାଞ୍ଛା କରନ୍ତୁ । ଏହାପରେ ଆପଣ ଈଶ୍ୱରଙ୍କର ଅବିଶ୍ୱସନୀୟ ଗୌରବକୁ ଜାଣିବେ ଓ ଏହାର ଅନୁଭୂତି ପାଇବେ ।

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th MARCH 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**